# ମାଟିତଳେ ପାଇପ୍; ମିଳୁନି ପାଣି

# ଦୂତିଆଳରେ ଜଳକଷ୍ଟ; ଆନ୍ଦୋଳନ ଚେତାବନୀ

କେନ୍ଦ୍ରାପଡ଼ା, ୧୬।୪(ସମିସ): ମାଟି ତଳେ ପାଇପ ହେଲେ ଲୋକଙ୍କୁ ମିଳୁନି ପାନୀୟ ଜଳ। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପାଣି ଟାଙ୍କି ହେବା ସହିତ ଚାରିଆଡେ ପାଇପ ବିଛା ହୋଇଛି। ହେଲେ ଲୋକେ ପାଣି ମୁନ୍ଦେ ପାଇଁ ଡହକବିକଳ ହେଉଛନ୍ତି।



ସବୁଆଡେ ୪୦ଡିଗ୍ରୀ ଉପରେ ପାରଦ ରହୁଛି। ଗରମରେ କେନ୍ଦ୍ରାପଡ଼ା ଜଳୁଛି। ଏହି ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୨ କିଲୋମିଟର ଦୂର କେନ୍ଦ୍ରାପଡ଼ା ବ୍ଲକ ଅଧିନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦୂତିଆଳ ଗ୍ରାମରେ ଜଳ ଯୋଜନା ଫେଲ ମାରିଛି। କେନ୍ଦ୍ର ସରକାରଙ୍କ ପାନୀୟ ଜଳ ଯୋଜନା ଦେଖି ପଞ୍ଚାୟତ ବାସୀ ଭାବିଥିଲେ ଜଳକଷ୍ଟରୁ ମୁକ୍ତି ମିଳିବ। ସମସ୍ତଙ୍କ ଘରେ ଘରେ ପିଇବା ପାଣି ପହଞ୍ଚିବ। କିନ୍ତୁ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦୂତିଆଳ ଗ୍ରାମର ୧୯ନଂ ୱାର୍ଡରେ ଜଳକଷ୍ଟ ଅସହ୍ୟ ହେଲାଣି। ଘର ପାଖରେ କିପରି ପିଇବା ପାଣି ପହଞ୍ଚିପାରିବ ସେ ନେଇ ବୋରିଂ ପଏଣ୍ଟ ଖୋଳାଗଲା ଓ ଗାଁକୁ ପାଇପ୍ ବି ବିଛାଗଲା। ପ୍ରକଳ୍ପ ସ୍ଥାପନ ହେବାର ପ୍ରାୟ ୧ ବର୍ଷ ଧରି ଠିକ୍ ପରିମାଣରେ ପାଣି ଆସିଲା। ହେଲେ ତା' ପରେ ୮ ବର୍ଷହେଲା ପାନୀୟ ଜଳ ଯୋଗାଣ ବନ୍ଦ। ବିଛାଯାଇଥିବା ପାଇପ୍ କେତେକ ସ୍ଥାନରେ ଭାଙ୍ଗିରୁଜି ଗଲାଣି। ପୁଣି ପାଇପ୍ ଷ୍ଟାଣ୍ଡ ବ୍ୟବହାରରେ ନଲାଗିବାରୁ ସେଠାରେ ଗୋବର ଗଦା ହେଲାଣି। ୧୯ନଂ ୱାର୍ଡରେ ଥିବା ଏକମାତ୍ର ନଳକୂଅ ଉପରେ ଶତାଧିକ ଲୋକଙ୍କୁ ନିର୍ଭର କରିବାକୁ ପଡୁଛି। ଯାହାକି ପର୍ଯ୍ୟାପ୍ତ ଜଳ ଯୋଗାଇବାରେ ସମର୍ଥ ହୋଇପାରୁନାହିଁ। ପୁଣି ଏଥିରେ ଯାହା ପାଣି ବାହାରୁଛି, ତାହା ପିଇବା ଉପଯୋଗୀ ନୁହେଁ ବୋଲି ଅଭିଯୋଗ ହୋଇଛି। ଯଦି ଏହାର ତୁରନ୍ତ ସମାଧାନ ନ ହୁଏ ସେହି ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ଶ୍ୟାମସୁନ୍ଦରପୁର ପଞ୍ଚାୟତର ୪ଟି ରାଜସ୍ୱ ଗ୍ରାମ ଶ୍ୟାମସୁନ୍ଦରପୁର, ପୁରୁଷୋତ୍ତମପୁର, ଦୂତିଆଳ ଓ ହାଲପୁର ଅଧିନରେ ମୋଟ୍ ୨୦ଟି ୱାର୍ଡ ରହିଛି। ଏହି ସବୁ ୱାର୍ଡର ଲୋକଙ୍କୁ ପାଣି ଯୋଗାଇବା ପାଇଁ ୫ଟି ପ୍ରକଳ୍ପ ସ୍ଥାପନ କରାଯାଇଛି। ଦୂତିଆଳରେ ୨ଟି, ପୁରୁଷୋତ୍ତମପୁର, ଶ୍ୟାମସୁନ୍ଦରପୁର ଓ ହାଲପୁରରେ ଗୋଟିଏ ଲେଖାଏଁ ପାନୀୟ ଜଳ ପ୍ରକଳ୍ପ ରହିଛି। ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ କରିବାକୁ ଦୂତିଆଳରେ ୨ଟି, ହାଲପୁର ଓ ଶ୍ୟାମସୁନ୍ଦରପୁରରେ ଗୋଟିଏ ଲେଖାଏଁ ଓଭରହେଡ୍ ଟାଙ୍କି ନିର୍ମାଣ କରାଯାଇଛି। ହାଲପୁରର ଟାଙ୍କି ହସ୍ତାନ୍ତର ହୋଇନାହିଁ। ଶ୍ୟାମସୁନ୍ଦରପୁରରେ ୩ ମାସ ହେଲା ହସ୍ତାନ୍ତର କରାଯାଇଛି। ଦୂତିଆଳ ଗ୍ରାମର ୧୯ ନଂ. ୱାର୍ଡରେ ପ୍ରାୟ ୭୦ ପରିବାର ବସବାସ କରିଆସୁଛନ୍ତି। ଏଠାରେ ସମସ୍ତ ଅଞ୍ଚଳକୁ ପିଇବା ପାଣି ଯୋଗାଣ ୧୦ ବର୍ଷ ଆଗରୁ ପାଇପ୍ ବିଛା ହୋଇଥିଲା। ପାଖରେ ଥିବା ପାନୀୟ ଜଳ ପ୍ରକଳ୍ପରୁ ପାଣି ମିଳୁଥିଲା। ପ୍ରାୟ ୨ରୁ ଅଢେଇ ବର୍ଷ ଧରି ନିୟମିତ ପାଣି ମିଳିଲା। ହେଲେ ତା' ପରଠାରୁ ପିଇବା ପାଣି ଯୋଗାଣ ସେବା ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ପ୍ରାୟ ୮ ବର୍ଷ ହେବ ଗାଁକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଣ ଆଉ ହେଉନାହିଁ। ନିମ୍ନମାନର କାମ ଯୋଗୁଁ ପାଇପଗୁଡିକ କମ୍ ଦିନରେ ଫାଟି ଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ମରାମତି ଅବା ନୂତନ ପାଇପ୍ ବିଛାଯାଇନଥିଲା। ତେଣୁ ଏଠାରେ ପିଇବା ପାଣି ଯୋଗାଣ ସମ୍ଭବ ହୋଇନାହିଁ। ଅନ୍ୟପକ୍ଷେ ଚୋରା ସଂଯୋଗ ଓ ପାଣିର ଅପଚୟ ଯୋଗୁ ମଧ୍ୟ ଘରେ ଘରେ ପାଣି ପହଞ୍ଚିବାରେ ବାଧା ସୃଷ୍ଟି କରିଛି। ୱାର୍ଡବାସୀ ଗ୍ରାମରେ ଥିବା ଏକମାତ୍ର ନଳକୂଅ ଉପରେ ନିର୍ଭର କରୁଛନ୍ତି। ଅନ୍ୟ ଏକ ନଳକୂଅ ଗୁଣ୍ଡିଚା ବଟରେ ଥିଲେ ମଧ୍ୟ ଏହାର ଜଳ ସମ୍ପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ। ଏହି ନଳକୂଅରୁ ପଙ୍କୁଆ ପାଣି ବାହାରୁଛି। ଏବେ ଏଠାରେ ଯଜ୍ଞ ଆରମ୍ଭ ହୋଇଥିବା ବେଳେ ଦୈନିକ ପ୍ରାୟ ୨ ହଜାର ଲୋକଙ୍କ ଆଗମନ ଘଟୁଛି। ହେଲେ ଏଠାରେ ଥିବା ନଳକୂଅର ପାଣି ବ୍ୟବହାର ଉପଯୋଗୀ ନଥିବାରୁ ପାଖରେ ଥିବା ଜନୈକ ବ୍ୟକ୍ତିଙ୍କ ଘରୋଇ ଟ୍ୟୁବୱେଲରୁ ପାଣି ଅଣାଯାଉଛି। ରାତି ପାହିବା ପୂର୍ବରୁ ନଳକୂପ ପାଖରେ ଭିଡ ଲାଗିଯାଉଛି। ଧାଡିରେ ରହି ପାଣି ସଂଗ୍ରହ କରୁଛନ୍ତି। ତେଣୁ ଏହି ପଞ୍ଚାୟତ ଅନ୍ତର୍ଗତ ୧୯ ନଂ ୱାର୍ଡରେ ବସବାସ କରୁଥିବା ରେଣୁକା ରାଉତ, ମିନତୀ ସ୍ୱାଇଁ, ହେମଲତା ସାହୁ, ମାଳତୀ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ନିର୍ମଳ ସ୍ୱାଇଁ, ବାସନ୍ତୀ ରାଉତ, ସୁକାନ୍ତି ରାଉତ, ସତ୍ୟଶ୍ରୀ ରାଉତ ପ୍ରମୁଖ ସ୍ଥାନୀୟ ବାସିନ୍ଦାମାନେ କହିଛନ୍ତି ଯେ ଯଦି ଏହା ଭିତରେ ଏହି ସମସ୍ୟାର ସମାଧାନ ନହୁଏ ତେବେ ସେମାନେ ବାଧ୍ୟହୋଇ ଆନ୍ଦୋଳନ କରିବେ।



ଏନେଇ ସରପଞ୍ଚ ଅଙ୍କୁର ସେଠୀଙ୍କୁ ପଚାରିବାରୁ ସେ ନିଜ ଉପରୁ ଦୋଷ ଖସାଇ ଦେଇଥିଲେ। ନଟ୍‌ବୋଲ୍ଟ ସଜାଡିବାକୁ ମଧ୍ୟ ଆମକୁ ଟଙ୍କାର ଯାହା ସମସ୍ୟା ରହୁଛି ଆର୍.ଡବ୍ଲ୍ୟୁ.ଏସ୍.ଏସ୍ ବିଭାଗ ବୁଝାବୁଝି କରୁଛି। ମରାମତି କାମ ବିଭାଗର ଅନୁମତି ନେଲାପରେ ଆମେ କରୁଛୁ। ସି.ଏଫ୍/ଏସ୍.ଏଫ୍.ସି ଅନୁଦାନରୁ ଆମେ ବାର୍ଷିକ ୮/୯ ଲକ୍ଷ ଟଙ୍କା ବିଜୁଳି ବାବଦକୁ ଗଣୁଛୁ। ପାଣିର ଅପଚୟ, ନିମ୍ନମାନର କାମ ଏବଂ ପାଇପ୍ ବିଛା ବେଳେ ବୈଷୟିକ ତ୍ରୁଟି ଯୋଗୁଁ ଏପରି ଅସୁବିଧା ସୃଷ୍ଟି ହୋଇଛି। ଆର୍.ଡବ୍ଲ୍ୟୁ.ଏସ୍.ଏସ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ ଖୁବ୍‌ଶୀଘ୍ର ଏହାର ସମାଧାନ କରିବେ ବୋଲି ସୂଚନା ଦେଇଛନ୍ତି।

## ଜଗଦମ୍ବା ମଠରେ ବାସନ୍ତିକ ଦୁର୍ଗାପୂଜା



ଡେରାବିଶ, ୧୬।୪(ସମିସ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଜଗଦମ୍ବା ମଠ ପରିସରରେ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଆଶ୍ରମ ପରିସରରେ ଗତ ୧୪ ତାରିଖ ମହାଷଷ୍ଠୀ ତିଥିଠାରୁ ଏହି ମା' ବାସନ୍ତିକ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ୧୫ ତାରିଖ ମହାସପ୍ତମୀ ତିଥିରେ ଆଶ୍ରମ ପରିସରରେ ଥିବା ମା' ଦକ୍ଷିଣ କାଳୀଙ୍କ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଗତକାଲି ପୂର୍ବାହ୍ନରୁ ସ୍ଥାନୀୟ ଅଞ୍ଚଳର ମହିଳାମାନେ ନିକଟସ୍ଥ ଜଳାଶୟରୁ ଶୁଭ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ଘଟ ସ୍ଥାପନ, ଚକ୍ଷୁଦାନ, ପ୍ରାଣ ପ୍ରତିଷ୍ଠା, ମହାସ୍ନାନ ଏବଂ ମହାସପ୍ତମୀ ପୂଜା ଓ ଯଜ୍ଞକୁଣ୍ଡେ ଅଗ୍ନିସ୍ଥାପନ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ଭାଇଲପୁରର ମା' ବାଇଦେଇ ଦୃଷ୍ଟିହୀନ ସେବା ସଂଘର ଦୃଷ୍ଟିହୀନ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଆଜି ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିବସ ଥିବାବେଳେ ମା'ଙ୍କ ମହାଷ୍ଟମୀ ପୂଜା ଓ ସନ୍ଧି ପୂଜା ଦେଖିବକୁ ସ୍ଥାନୀୟ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ।

● ରାଜନଗର ନିର୍ବାଚନମଣ୍ଡଳୀ

## ବିଜେପିରୁ ବିଧାୟକ ପ୍ରାର୍ଥୀ ହେଲେ ଲଳିତ; ଜୋରଦାର ବିରୋଧ

ରାଜନଗର, ୧୬।୪(ସମିସ): ଆଜି ବିଜେପି ପକ୍ଷରୁ ୨୧ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ସେହି୨୧ଜଣଙ୍କ ମଧ୍ୟରେ ରାଜନଗର ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଭାବେ ଯୁବନେତା ଲଳିତ କୁମାର ବେହେରାଙ୍କ ନାଁ ଘୋଷଣା କରାଯାଇଛି। ଲଳିତ କୁମାର ବେହେରାଙ୍କ ଘର ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ବରାଡିଆ ଗାଁରେ। ୨୦୨୨ ମସିହାରୁ ବିଭିନ୍ନ ସ୍ଥାନରେ ତାଙ୍କର ହୋର୍ଡିଂ ଓ ପୋଷ୍ଟର ଦେଖିବାକୁ ମିଳୁଥିଲା। ସେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଏକାନ୍ତ ଅନୁଗତ। ସେ ଟିକଟ ପାଇବା ପରେ ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଜି ତାଙ୍କ ପ୍ରାର୍ଥୀତ୍ୱ ଘୋଷଣା ପରେ ବିଜେପି ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଟିକଟ ପାଇଁ ଆଶାୟୀ ଥିବା ପୂର୍ବତନ ବିଧାୟକ ଅଲେଖ କୁମାର ଜେନା, ଯୁବନେତା ଅଜୟ କୁମାର ବେହେରାଙ୍କ ସମର୍ଥକଙ୍କମାନେ ଲଳିତଙ୍କ ପ୍ରାର୍ଥୀତ୍ୱକୁ ଗ୍ରହଣ କରିପାରିନାହାଁନ୍ତି। ତାଙ୍କର ସମର୍ଥକମାନେ ଏପରିକି ବିଜେପିର କାର୍ଯ୍ୟକର୍ତ୍ତାମାନେ ସୋସିଆଲ ମିଡିଆରେ ସିଧାସଳଖ ତାଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରିଛନ୍ତି। ମାତ୍ର ବିଜେପିର ଅନ୍ୟ ଆଶାୟୀ ଓ ଆଗଧାଡିର କର୍ମୀମାନେ ଲଳିତଙ୍କ ପ୍ରାର୍Oଥତ୍ୱକୁ ନେଇ ସନ୍ତୁଷ୍ଟ ନଥିବା ବିଭିନ୍ନ ସୋସିଆଲ ମିଡିଆ ପୋଷ୍ଟରୁ ସ୍ପଷ୍ଟ ହୋଇଛି।

## ଦୁଷ୍କର୍ମ ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ



କେନ୍ଦ୍ରାପଡ଼ା, ୧୬।୪(ସମିସ): କେନ୍ଦ୍ରାପଡ଼ା ଫାଷ୍ଟଟ୍ରାକ୍ ଆଡହକ କୋର୍ଟର ଅତିରିକ୍ତ ଜିଲ୍ଲାଜଜ୍ ତ୍ରୀବିକ୍ରମ କେଶରୀ ଚିହ୍ନରା ଜନୈକ ଦୁଷ୍କର୍ମ ଅଭିଯୁକ୍ତକୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୩୧ହଜାର ଟଙ୍କା ଜରିମାନା କରିଛନ୍ତି। ପ୍ରକାଶ ଯେ କେନ୍ଦ୍ରାପଡ଼ା ଟାଉନ ଥାନା ଅଞ୍ଚଳର ଜନୈକ ମହିଳା ତାଙ୍କ ଘରେ ଶୋଇଥିବା ବେଳେ ଗତ ୨୦୧୯ ମସିହା ଜୁନ ମାସ ୧୬ ତାରିଖ ରାତି ୮ଟା ସମୟରେ ଟାଉନ ଥାନା ଅନ୍ତର୍ଗତ ଚକଡା ଗ୍ରାମର ଗୁଣନିଧି ମଲିକ ଓରଫ ପାତିଆ ସେହି ମହିଳାଙ୍କ ପୁତ୍ର ଏବଂ ପତିଙ୍କ ଅନୁପସ୍ଥିତିର ସୁଯୋଗରେ ତାଙ୍କ ଘରେ ପଶି ସମ୍ପୃକ୍ତ ମହିଳାଙ୍କୁ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା। ମହିଳା ଜଣକ ଜୋରରେ ଚିତ୍କାର କରିବାରୁ ପାତିଆ ତାଙ୍କ ପାଟିରେ ଗାମୁଛା ପୁରାଇ ବିଧା ଚାପୁଡା ମାରିବା ସହିତ ତାକୁ ଜୀବନରୁ ମାରି ଶେଷ କରିଦେବାକୁ ଧମକ ଦେଇଥିଲା। ସେହି ସମୟରେ ଚିତ୍କାର ଶୁଣି ଗ୍ରାମର କିଛି ଲୋକ ସେଠାରେ ପହଞ୍ଚି ଯିବାରୁ ଅଭିଯୁକ୍ତ ଗୁଣନିଧି ସେଠାରୁ ଦୌଡି ଚାଲି ଯାଇଥିଲା। ଘଟଣା ସମ୍ପର୍କରେ ପୀଡିତାଙ୍କ ସ୍ୱାମୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବାରେ ସେହି ଅଭିଯୋଗକୁ ଭିତ୍ତିକରି ଥାନା କେଶ୍ ନମ୍ବର-୧୦୫/୨୦୧୯ ରେ ଏକ ଦୁଷ୍କର୍ମ ମାମଲା ରୁଜୁ କରାଯାଇଥିଲା। ଟାଉନ ଥାନା ପୁଲିସ ସେହି ମାମଲାର ତଦନ୍ତ କରି ଫାଇନାଲ ରିପୋର୍ଟ ଅଦାଲତରେ ଦାଖଲ କରିବା ପରେ ମାମଲାର ଶୁଣାଣି ଚାଲିଥିଲା। ସେହି ମାମଲାର ବିଚାର କରି କେନ୍ଦ୍ରାପଡ଼ା ଫାଷ୍ଟ ଟ୍ରାକ୍ ଆଡହକ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନରା ୧୨ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତି କରି ଅଭିଯୁକ୍ତ ଗୁଣନିଧି ମଲିକ ଓରଫ ପାତିଆକୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୩୧ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ସଞ୍ଜୟ କୁମାର ଜେନା ପରିଚାଳନା କରୁଥିଲେ।

## 'ଆମ ସମ୍ପର୍କ' ପକ୍ଷରୁ ମହାବିଷୁବ ମିଳନ ସମାରୋହ

ପଟ୍ଟାମୁଣ୍ଡାଇ, ୧୬।୪(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ କଳା, ସାହିତ୍ୟ, ସାଂସ୍କୃତିକ ଅନୁଷ୍ଠାନ ଆମ ସମ୍ପର୍କ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନୂଆ ବର୍ଷ ଅବସରରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରେକ୍ଷାଳୟଠାରେ ମହାବିଷୁବ ମିଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି ଓ ପ୍ରାଧ୍ୟାପକ ଅତୁଳ ବଳଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ଅଧିବେଶନରେ ପ୍ରତିଷ୍ଠିତ ସାହିତ୍ୟିକା ଡ଼ ପ୍ରତିଭା ମହାରଥୀ ମୁଖ୍ୟଅତିଥି, ପ୍ରଫେସର ଦେବବ୍ରତ ପ୍ରଧାନ, ଜୀବନବୀମା ମୁଖ୍ୟ ଉପଦେଷ୍ଟା ରଞ୍ଜନ ପ୍ରଧାନ ଓ ନାଟ୍ୟକାର ଅଧ୍ୟାପକ ଗୋଲକ ମହାରଣା ସମ୍ମାନିତଅତିଥି ଭାବେ ଯୋଗ ଦେଇ ଗୌରବମୟ କଳା ସାହିତ୍ୟ ଓ ସଂସ୍କୃତିକୁ ବୁଦ୍ଧିମନ୍ତ କରିବା ପାଇଁ ସବୁ ସ୍ତରରେ ନିଷ୍ଠାପର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ସମ୍ପାଦକ ଦେବ ପ୍ରସାଦ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଗାଳ୍ପିକ ପ୍ରଦୀପ ନାୟକ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅପରାହ୍ନ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ସଚିତ୍ର ବେହୁରା ଓ ରଶ୍ମିତା ସେନାପତିଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠ ଉତ୍ସବରେ ବହୁ କବି କବୟିତ୍ରୀ ଯୋଗ ଦେଇ କବିତା ପାଠ କରିଥିଲେ। ଉଦଯାପନୀ ଅଧିବେଶନରେ ବିଶିଷ୍ଟ ସାହିତ୍ୟିକା ଡ଼ ଋତୁପର୍ଣ୍ଣା ମହାନ୍ତି ମୁଖ୍ୟଅତିଥି, ନାଟ୍ୟକାର ଚିନ୍ମୟ ଦାସ ମୁଖ୍ୟବକ୍ତା ଓ ନୀଳାଦ୍ରି ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଭାମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବାବେଳେ ନାଟ୍ୟକାର ଚିନ୍ମୟ ଦାସ, କବି ସନ୍ନିଭା ମିଶ୍ରଦାଶ, କଥାକାର ବନମାଳୀ ସେନାପତି, କବି ନାରାୟଣ ରାଉଳ, ସମବାୟବିତ ବ୍ରଜବନ୍ଧୁ ଦାଶ, ମଞ୍ଚ ଅଭିନେତା ଉମାକାନ୍ତ ତ୍ରିପାଠୀ ଓ ସଙ୍ଗୀତ ଗୁରୁ କୃପାସିନ୍ଧୁ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଣ୍ଡିଆଗଡ଼ି କଳାକାରମାନେ ଘୋଡା ନାଚ ପ୍ରଦର୍ଶନ କରିଥିଲେ। ଶେଷରେ ପ୍ରମୋଦ ସାହୁ ଧନ୍ୟବାଦ ଦେଇଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକର ବହୁ କବି ସାହିତ୍ୟିକ, କଳାକାର ଓ ସଂସ୍କୃତିପ୍ରେମୀ ଜନସାଧାରଣ ଯୋଗ ଦେଇଥିଲେ।



## ଓଲାଭର କାଳୀପଡ଼ିଆରେ ଶ୍ରୀରାମଙ୍କ ପୂଜା ଆରମ୍ଭ



ଓଲାଭର, ୧୬।୪(ସମିସ): ଓଲାଭର କାଳୀପଡ଼ିଆରେ ଶ୍ରୀରାମଙ୍କ ପୂଜା ଆରମ୍ଭ ହୋଇଛି। ଆଜି ସକାଳ ପ୍ରାୟ ୧୦ଟାରେ କଳସ ଶୋଭାଯାତ୍ର ବାହାରି ଓଲାଭର ବଉଳପୋଖରୀରୁ ପାଣି ଆଣି ଘଟ ସ୍ଥାପନ କରାଯାଇଥିଲା। ତା' ପରେ ପ୍ରଭୁ ଶ୍ରୀ ରାମଙ୍କ ପୂଜା ଆରମ୍ଭ ହୋଇଛି। ବୁଧବାର ଏକ ବିଶାଳ ଶୋଭାଯାତ୍ର ଓଲାଭର କାଳୀପଡ଼ିଆଠାରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମାର କରିବ। ଚୈତ୍ର ଶୁକ୍ଳ ନବମୀ ରାମ ନବମୀ ରୂପେ ପରିଚିତ। ଏହି ଦିନ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ କରାଯାଏ। ଏନେଇ ଓଲାଭର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି।

## ଜୟଜଗନ୍ନାଥ ସାଂସ୍କୃତିକ ପରିଷଦର ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ, ୧୬।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କୁନ୍ଦୁପୁର ଜୟ ଜଗନ୍ନାଥ ସାଂସ୍କୃତିକ ପରିଷଦ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହରିବଂଶ ପାରାୟଣ, ଚତୁର୍ଥ ପ୍ରହର ନାମସଂକ୍ରୀର୍ତ୍ତନ, ହରିହାଟ ଆଦି କାର୍ଯ୍ୟକ୍ରମ ବେଦଜ୍ଞ ବ୍ରାହ୍ମଣମାନେ ସମ୍ପନ୍ନ କରିଥିଲେ। ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନୂଆ ବର୍ଷ ପାଳନ ଅବସରରେ ଏକ ସ୍ମୃତି ଚାରଣ ଓ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ମହେଶ୍ୱର ପଣ୍ଡାଙ୍କ ପୌରୋହିତ୍ୟ ଓ ସୁଶାନ୍ତ ଦାଶଙ୍କ ସଂଯୋଜନାରେ ଆୟୋଜିତ ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ଖଣତା ସରପଞ୍ଚ ଅନୀଲ ଲେଙ୍କା, ସମିତିସଭ୍ୟ ସୁରେଶ ଜେନା ଆଦର୍ଶ ଶିକ୍ଷକ ଅନନ୍ତ କିଶୋର ରାଉତ, ସର୍ବେଶ୍ୱର ମହାନ୍ତି, ପୂର୍ବତନ ସରପଞ୍ଚ ମିନତୀ ପାତ୍ର ଓ ଦିବାକର ସେଠୀ ଅତିଥି ଭାବେ ଯୋଗ ଦେଇ ଦିବଙ୍ଗତ ଯୁଧିଷ୍ଠିର ଦାଶ, ବାଞ୍ଛାନିଧି ଦାଶ ଓ ହାରାମଣି ସାହୁଙ୍କ ସ୍ମୃତି ଚାରଣ କରି ଏ ଅଞ୍ଚଳ ଆଧ୍ୟାତ୍ମିକ ଭାବଧାରା ପ୍ରତିଷ୍ଠା କ୍ଷେତ୍ରରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ଚନ୍ଦ୍ରଶେଖର ପଣ୍ଡା ବିବରଣୀ ପାଠ କରିଥିଲେ। କେଶବ ପଣ୍ଡା ସ୍ୱାଗତଭାଷଣ ଓ ଗୌରାଙ୍ଗ ଦାଶ ଅତିଥିପରିଚୟ ପ୍ରଦାନ କରିଥିଲେ। ଅଲେଖ ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହେମନ୍ତ ପଣ୍ଡା, ପର୍ଶୁରାମ ପଣ୍ଡା, କୃଷ୍ଣ ଚନ୍ଦ୍ର ରାଉତ, ସୁଶାନ୍ତ ସାହୁ, ଦେବ ପ୍ରସାଦ ଦାଶ ଓ ବୃତ୍ତି ସୁନ୍ଦର ମହାନ୍ତି ପରିଚାଳନା କରିଥିଲେ।

## ପିଏଚ୍.ଡି ଲାଭ



ପ୍ରଭାତ ଗୁରୁକୁଳ ଆଶ୍ରମ, ମେରଟ ର ପ୍ରତିଷ୍ଠାତା ସ୍ୱାମୀ ବିବେକାନନ୍ଦ ସରସ୍ୱତୀ ଙ୍କ ପ୍ରେରଣାରେ ବଲାଙ୍ଗିର ଜିଲ୍ଲାର ରାଜୀବ ନଗର ନିବାସୀ ଶ୍ରୀମତୀ ଆଭା ଆର୍ଯ୍ୟା , ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦାର୍ଶନିକ ଅଧ୍ୟୟନ ଉପରେ ଗବେଷଣା କରି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଡକ୍ଟର ଅଫ ଫିଲୋସଫି ସମ୍ମାନ ଗ୍ରହଣ କରିଛନ୍ତି । ଶ୍ରୀମତୀ ଆର୍ଯ୍ୟା , ଡକ୍ଟର ରମାକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଦାଶିବ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀ ପରିସରରେ ଏହି ଗବେଷଣା କାର୍ଯ୍ୟ ସମ୍ପନ୍ନ କରିଥିଲେ । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ରେ ଅନୁଷ୍ଠିତ ପ୍ରଥମ ଦୀକ୍ଷାନ୍ତ ସମାରୋହ ଉତ୍ସବରେ ଶ୍ରୀମତୀ ଆର୍ଯ୍ୟା ଏହି ସମ୍ମାନ ଗ୍ରହଣ କରିଛନ୍ତି । ଶ୍ରୀମତୀ ଆର୍ଯ୍ୟା ହେଉଛନ୍ତି ଦୟାନନ୍ଦ ଆଙ୍ଗଲୋ ବୈଦିକ ବିଦ୍ୟାଳୟର ପୂର୍ବତନ ନୈତିକ ଉପଦେଶକ ତଥା ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧ୍ୟକ୍ଷ ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ଓ ସୁଲକ୍ଷଣା ଦାସଙ୍କର ଜ୍ୟେଷ୍ଠା କନ୍ୟା । ସେ ବାସୁଦେବ ପଣ୍ଡା ଓ ଜୟନ୍ତୀ ପଣ୍ଡାଙ୍କର ପୁତ୍ରବଧୂ ତଥା ଡାକବିଭାଗରେ କାର୍ଯ୍ୟରତ ଶ୍ରୀଯୁକ୍ତ ସ୍ୱାଧୀନ କୁମାର ପଣ୍ଡାଙ୍କର ଧର୍ମପତ୍ନୀ ଅଟନ୍ତି । ଗବେଷଣା କ୍ଷେତ୍ରରେ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଅନ୍ୟାନ୍ୟ କୃତିକୁ ଲୋକଲୋଚନକୁ ଆଣିବାରେ ଚେଷ୍ଟା ଜାରି ରଖିବେ ବୋଲି ଶ୍ରୀମତୀ ଆର୍ଯ୍ୟା କହିଛନ୍ତି । ଏହି ସଫଳତା ପାଇଁ ଡ. ଆର୍ଯ୍ୟା ତାଙ୍କ ବାପା, ମାଁ,ଶାଶୁ, ଶ୍ୱଶୁର,ସ୍ୱାମୀ , ନବପ୍ରଭାତ୍ ବୈଦିକ ବିଦ୍ୟାପୀଠ ର ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ ଓ ଗବେଷଣା କାର୍ଯ୍ୟରେ ସାହାଯ୍ୟ କରିଥିବା ଲୋକେଶ କୁମାରଙ୍କୁ ତଥା ତାଙ୍କର ନିର୍ଦ୍ଦେଶକ ଡ. ରମାକାନ୍ତ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ବବିତା ମିଶ୍ରଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି । ଏହା ସହ ସବୁ ବନ୍ଧୁବାନ୍ଧବ, ଶୁଭେଚ୍ଛୁମାନଙ୍କୁ ଓ ସର୍ବୋପରି ଈଶ୍ୱରଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି ।

୪୨ତମ ଶ୍ରାଦ୍ଧବାର୍ଷିକୀ
ତା.୧୭.୦୪.୨୦୨୪ରିଖ



ପୂଣ୍ୟଶ୍ଳୋକ ସ୍ୱର୍ଣ୍ଣଲତା ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ଧରାବତରଣ: ପୌଷ ଶୁକ୍ଳ ୪ର୍ଥୀ ୧୯୩୩
ସ୍ୱର୍ଗାରୋହଣ: ଚୈତ୍ର ଶୁକ୍ଳ ୯ମୀ ୧୯୮୨
ମା' ୪୩ ବର୍ଷ ହେଲା ତମେ ନାହଁ, ବାପା ମଧ୍ୟ ୩୦ ବର୍ଷ ହେଲା ନାହାନ୍ତି । କେବେ ଆମକୁ ଲାଗିନାହିଁ ଯେ, ତୁମେ ଦୁହେଁ ଆମ ପାଖରେ ନାହଁ । ତୁମର ସାତ ନାତିନାତୁଣୀ, ଦୁଇ ନାତୁଣୀ, ନାତୁଣୀ ଜ୍ୱାଇଁ, ଦୁଇ ନାତୁଣୀ ବୋହୂ, ଜଣେ ଅଣନାତି, ଜଣେ ଅଣନାତୁଣୀ ତୁମ ଦୁହିଙ୍କୁ ସକାଳେ ସଂଜେ ପ୍ରଣତି ବାଢୁଛୁ ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ :
ପୁଅବୋହୂ : ପ୍ରଦୀପ୍ତ-ଶକୁନ୍ତଳା, ପ୍ରକାଶ-ସ୍ନେହଲତା, ଅଶୋକ-ରେଣୁବାଳା, ନାତି- ରାଜା, ସମ୍ରାଟ, ଚିକିନା, ସିନ୍ଧୁ, ନାତୁଣୀ - ସ୍ନିଗ୍ଧା, ସ୍ୱାତୀ, ପୁଜାରାଣୀ, ଅଣନାତି - ହନି, ଅଣନାତୁଣୀ- ଅନନ୍ୟା, ଓ ପୂନର୍ନବା ପରିବାର ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପଞ୍ଚୁପାଣ୍ଡବ, ୧୬।୪(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମର ଚନ୍ଦ୍ରକାନ୍ତ କାଣ୍ଡି (୨୫)ଙ୍କ ଝୁଲନ୍ତା ମୃତଦେହ ଏକ ଗଛରୁ ଉଦ୍ଧାର ହୋଇଛି। ଚନ୍ଦ୍ରକାନ୍ତ କିଛି ଦିନ ହେବ ମୁମ୍ବାଇରୁ ଘରକୁ ଫେରିଥିଲେ। ମଙ୍ଗଳବାର ଦିନ ମୁମ୍ବାଇ ଯିବାପାଇଁ ଘରୁ ବାହାରିଥିଲା। କିନ୍ତୁ ଆଜି ସକାଳେ ନିକଟସ୍ଥ ଭୁଜବଳ ଗ୍ରାମ ନିକଟରେ ରେଳଲାଇନ୍ କଡ଼ରେ ଥିବା ଏକ ଲିମ୍ବ ଗଛରେ ବେକରେ ଗାମୁଛା ଗୁଡ଼ାଇ ହୋଇ ଝୁଲୁଥିବା ଦେଖିବାକୁ ମିଳିଥିଲା। ତେବେ ଚନ୍ଦ୍ରକାନ୍ତଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

## ଠିକାଦାରଙ୍କ ମନମୁଖି କାର୍ଯ୍ୟପାଇଁ ରୋଗୀ ହନ୍ତସନ୍ତ

# କାଳବୈଶାଖୀ ବର୍ଷାରେ ଭାସିଲା ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର



ଗରଦପୁର, ୧୬।୪(ସମିସ): କାଳବୈଶାଖୀ ପ୍ରଭାବରେ ଅସରାଏ ବର୍ଷା ପରେ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିକଳ ଚିତ୍ର ଦେଖିବାକୁ ମିଳିଛି। ଉଦ୍‌ଘାଟନର ମାତ୍ର କେତେମାସ ପରେ କାଳବୈଶାଖୀ ବର୍ଷାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜଳାଶୟ ପାଲଟିଛି। କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଅପରାହ୍ନରେ ଆଣ୍ଠୁଏ ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା। କାଳବୈଶାଖୀ ପ୍ରଭାବରେ ପାଟକୁରା ଅଞ୍ଚଳରେ ଅଦିନିଆ ବର୍ଷା ହୋଇଥିଲା। ଫଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭିତରେ ପାଣି ପଶିଯାଇଥିଲା। ରୋଗୀ ଶଯ୍ୟା କକ୍ଷଠାରୁ ଆରମ୍ଭ କରି ଡ୍ରେସିଂ ରୁମ, ୱେଟିଂ ରୁମରେ ଆଣ୍ଠୁଏ ପାଣି ଛିଡ଼ା ହୋଇ ରହିଥିଲା। ଚିକିତ୍ସିତ ହେବାକୁ ଆସିଥିବା ରୋଗୀମାନେ ନାନା ସମସ୍ୟାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏପରିକି ଜରୁରୀକାଳୀନ ଚିକିତ୍ସା ସାଙ୍ଗକୁ ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ୱାର୍ଡରେ ମଧ୍ୟ ବର୍ଷା ଜଳ ଜମି ରହିଥିଲା। ଅଦିନିଆ ବର୍ଷା ହେବା ଫଳରେ କେତେକ ତଳିଆ ଅଞ୍ଚଳରେ ପାଣି ପଶିବା ସହ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥିତି ଜଟିଳ ହୋଇପଡ଼ିଥିଲା। ନୂତନ କରି ନିର୍ମାଣ ହେଉଥିବା ମେଡିକାଲ କାର୍ଯ୍ୟରେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଣ୍ଠୁଏ ଉଚ୍ଚର ପାଣି ଜମିରହିଥିଲା। ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ମେଡିକାଲର ଅଧିକାଂଶ ସାମଗ୍ରୀ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସରକାରଙ୍କ ଲକ୍ଷାଧିକ ଟଙ୍କାର ଅର୍ଥରାଶି ଖର୍ଚ୍ଚ କରି ଉନ୍ନତିକରଣ କରିଥିଲେ ମଧ୍ୟ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଏବଂ ଡ୍ରେନେଜ୍‌କୁ ସମ୍ପୂର୍ଣ୍ଣର୍ ବନ୍ଦ୍ କରିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

# ଫସିଲା ସ୍କୁଲବସ୍, ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ

**ଓଡାପଡ଼ା, ୧୬।୪(ସମିସ) :** ଢେଙ୍କାନାଳ ଜିଲ୍ଲାର କଣ୍ଟାବଣିଆ ଥାନା ଅନ୍ତର୍ଗତ ଜିଏମଆର୍ ଡିଏଭି ପବ୍ଲିକ ସ୍କୁଲର ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ଏକ ସ୍କୁଲ ବସ ଭାରସାମ୍ୟ ହରାଇ ଗାତରେ ଝୁଲି ରହିଥିବା ବେଳେ ଏଥିରେ ଯାତ୍ରା କରୁଥିବା ଛାତ୍ରଛାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ମଙ୍ଗଳବାର ମଧ୍ୟାହ୍ନ ୧୧ଟା ୩୦ ସମୟରେ ଜିଏମଆର୍ କମଲାଙ୍ଗ ପାୱାରପ୍ଲାଣ୍ଟର ଅଧୀନରେ ଥିବା ଡିଏଭି ପବ୍ଲିକ ସ୍କୁଲର ଓଡି ୧୯ ଭି ୧୧୫୭ ନମ୍ବରଯୁକ୍ତ ବସ୍ ସ୍କୁଲ ଛୁଟି ପରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ପ୍ଲାଣ୍ଟ ପରିସରରୁ କଣ୍ଟାବଣିଆ ଓ ବଅଁରପାଳ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ନେଇ ଛାଡିବାକୁ ଯାଉଥିଲା। ମେଟେରିଆଲ୍ ଫାଟକ ଦେଇ ବାହାରିଲା ବେଳକୁ ସାମନାରେ



ଥିବା ରେଲଫାଟକ ପଡ଼ିଯାଇଥିଲା। ଶୀଘ୍ର ଯିବାପାଇଁ ବ୍ୟତିବ୍ୟସ୍ତ ହୋଇ ପ୍ଲାଣ୍ଟ ପାଚେରି କଡ଼ରେ ଯାଇଥିବା ଉପଶାଖା କେନାଲ ହୁଡ଼ା ଅଣଓସାରିଆ ରାସ୍ତାରେ ଅତିକ୍ରମ କରି କମଲାଙ୍ଗ - ଖଡଗପ୍ରସାଦ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ବାହାରି ମଙ୍ଗଳପୁର କଣ୍ଟାବଣିଆ ରାସ୍ତାରେ ଶୀଘ୍ର ନେବାକୁ ବସ ଚାଳକ ଚେଷ୍ଟା କରିଥିଲେ। ଏକ ଛୋଟ କଲଭର୍ଟ ଅତିକ୍ରମ କରିବା ପାଇଁ ଚେଷ୍ଟା କରି ଭାରସାମ୍ୟ ରଖି ନପାରି ରାସ୍ତା କଡ଼ରେ ଥିବା ଏକ ବଡ଼ ଗାତକୁ ବସଟି ଖସି ପଡ଼ିଥିଲା। ବସର ମଧ୍ୟ ଭାଗ ମାଟିରେ ଲାଗି ଯିବାରୁ ବସଟି ଖାତରେ ନପଡ଼ି ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଥିଲା। ଏହା ପରେ ସେଠାରେ ଉପସ୍ଥିତ କିଛି ଲୋକଙ୍କ ସହାୟତାରେ ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ତଳକୁ ଓହ୍ଲାଇ ଅଣାଯାଇଥିଲା।

# ଭୁବନରେ ବିଜେଡିର କର୍ମୀ ସମ୍ମିଳନୀ

**ଭୁବନ/ମାର୍ଥାପୁର, ୧୬।୪(ସମିସ) :** ଭୁବନ ବ୍ଲକ ୩ନଂ ଜୋନରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ଢେଙ୍କାନାଳର ନବାଗତ ସାଂସଦ ପ୍ରାର୍ଥୀ ଅବିନାଶ ସାମଲ ସାମିଲ ହୋଇଥିଲେ। ପ୍ରଥମେ ସହିଦ ବୀର ବାଜି ରାଉତଙ୍କ ଜନ୍ମମାଟିରୁ ବିଶାଳ ବାଇକ ରାଲିରେ ବାହାରି ମହୁଲପାଳ ଗ୍ରାମ ନୂଆହାଟରେ ପହଞ୍ଚିଥିଲେ। ୩ନଂ ଜୋନର ବାଲିବୋ, ଏକତାଳୀ, ମହୁଲପାଳ ଓ ଭୁଷଳ ପଞ୍ଚାୟତର ୫ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଯୋଗଦେଇଥିଲେ। ୪ଟି ପଞ୍ଚାୟତର



ସମସ୍ତ ସରପଞ୍ଚ, ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ବ୍ଲକ ଅଧକ୍ଷା ସିପ୍ରା ବରାଳ, ଏନଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇଥିଲେ।

## କୁକୁର ଆକ୍ରମଣରେ ହରିଣ ମୃତ

**ପଣ୍ଡୁଆ, ୧୬।୪(ସମିସ) :** ଢେଙ୍କାନାଳ ବନଖଣ୍ଡ କାମାକ୍ଷା ଉପଖଣ୍ଡ ପଶ୍ଚିମ ବନାଞ୍ଚଳ ଅନ୍ତର୍ଗତ ଅଁଳାବେରେଣୀ ସେକ୍ସନ ବନପାଳ କାର୍ଯ୍ୟାଳୟ ଅଧୀନ ତୁମୁସିଂହା ଗ୍ରାମ୍ୟ ଜଙ୍ଗଲରେ ୫ ବର୍ଷର ଏକ ହରିଣ କୁକୁର ଆକ୍ରମଣରେ



ମୃତ୍ୟୁ ଘଟିଛି। ଖବର ପାଇ ଅଁଳାବେରେଣି ସେକ୍ସନର ଅଧିକାରୀ ରମେଶ ଚନ୍ଦ୍ର ପାଣି, ରୁକ୍ମଣୀ ସାହୁ ଓ ସମସ୍ତ କର୍ମଚାରୀ ପହଞ୍ଚି ହରିଣଟିକୁ ଉଦ୍ଧାର କରି, ଅଁଳାବେରେଣି ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଆଣିଥିଲେ। ଚିକିତ୍ସା ସମୟରେ ହରିଣଟିର ମୃତ୍ୟୁ ଘଟିଥିଲା। ଅଧିକାରୀଙ୍କ ତଥ୍ୟ ଅନୁସାରେ ପ୍ରାୟ ୧୦ ଟି ବୁଲା କୁକୁର ହରିଣଟି ମିଳିତ ଭାବରେ ଆକ୍ରମଣ କରିଥିଲେ। ପ୍ରାୟତଃ ଖରାଦିନେ ପାଣି ପିଇବା ପାଇଁ ବନ୍ୟଜନ୍ତୁ ମାନେ ଜଙ୍ଗଲ ବାହାରକୁ ଚାଲିଆସିଥାନ୍ତି। ଏହାର ସୁଯୋଗନେଇ ବୁଲା କୁକୁର ମାନେ ଆକ୍ରମଣ କରୁଥିବାର ଦେଖିବାକୁ ମିଳିଥାଏ। ମୃତ ପରେ ହରିଣଟିକୁ ଅଁଳାବେରେଣି ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତରଣି ଡାକ୍ତର ନିବେଦିତା ମିଶ୍ର ଓ ସହାୟକ ଗଣେଶ ସାହୁ, ମୃତ ଘୋଷଣା ପରେ ବ୍ୟବଚ୍ଛେଦ କରାଯାଇ ଅଁଳାବେରେଣି ବନପାଳ କାର୍ଯ୍ୟାଳୟରେ ପୋତା ଯାଇଥିଲା। ଆଗାମୀ ଦିନରେ ବୁଲା କୁକୁରଙ୍କ ଆକ୍ରମଣରୁ କିପରି ରକ୍ଷା ପାଇବେ ସେଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

## ପିକ୍‌ଅପ ଭ୍ୟାନ୍ ଧକ୍କାରେ ୧ ଗୁରୁତର

**କାମାକ୍ଷାନଗର, ୧୬।୪(ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଥାନା ଅନ୍ତର୍ଗତ ଜିରିଡାମାଳି ବାଇପାସଠାରେ ମଙ୍ଗଳବାର ଏକ ପିକଅପ ଗାଡି ସହିତ ବାଇକ ଦୁର୍ଘଟଣା ହେବା ଫଳରେ ବାଇକରେ ଯାତ୍ରା କରୁଥିବା ଜନୈକ ବ୍ୟକ୍ତି ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ୫୩ ନଂ ଜାତୀୟ ରାଜପଥ ଜିରିଡା ମାଳି ବାଇପାସ ଠାରେ ଭୁବନ ଆଡୁ ଆସୁଥିବା ଏକ ପିକଅପ ଗାଡି ସହିତ କାମାକ୍ଷାନଗରରୁ କଙ୍କଡାହାଡ଼ ଆଡକୁ ଯାଉଥିବା ବାଇକ ସହିତ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ବ୍ୟକ୍ତିଙ୍କ କୌଣସି ପରିଚୟ ମିଳି ନ ଥିବାର ଜଣାପଡ଼ିଛି।

## ଜାତୀୟ ଅଗ୍ନିଶମ ସେବା ସପ୍ତାହ

**ଢେଙ୍କାନାଳ, ୧୬।୪ (ସମିସ ) :** ଟାଟା ଷ୍ଟିଲ୍ ମେରାମଣ୍ଡଳୀ (ଟିଏସ୍ଏମ୍) ପକ୍ଷରୁ ଏପ୍ରିଲ ୧୪ ରୁ ୨୦ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରଦର୍ଶନ ମାଧ୍ୟମରେ ଅଗ୍ନିଶମ ସେବା ସପ୍ତାହ ପାଳନ କରାଯାଉଛି। ଏହି ଅବସରେ ମୁଖ୍ୟ ଅତିଥି ଭାବେ ଟିଏସଏମର ଆଇରନ ମେକିଂ ମୁଖ୍ୟ ଅମିତ ସିଂହଙ୍କ ନେତୃତ୍ୱରେ ଟିଏସଏମର ସୁରକ୍ଷା ମୁଖ୍ୟ ବିଲାସ ଏନ ଗାଇକୱାଡ ଏବଂ ଟିଏସଏମର ଅନ୍ୟ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ସମାରୋହରେ ଅତିଥିମାନଙ୍କ ଦ୍ୱାରା ଅଗ୍ନିଶମ ସେବା ପତାକା ଉତ୍ତୋଳନ କରାଯାଇଥିଲା। ଏହାବ୍ୟତୀତ କର୍ମଚାରୀମାନଙ୍କ ମଧ୍ୟରେ ଅଗ୍ନି ନିରାପତ୍ତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନର ମଧ୍ୟ ଯୋଜନା କରାଯାଇଛି।

## ଶ୍ରୀଚୈତନ୍ୟଜୀଉ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ

**ଢେଙ୍କାନାଳ, ୧୬।୪ (ସମିସ) :** ସ୍ଥାନୀୟ ମାଣ୍ଡବା ସାହିସ୍ଥିତ ଶ୍ରୀଚୈତନ୍ୟଜୀଉ ମନ୍ଦିର ପ୍ରାଙ୍ଗଣରେ ୫୮ତମ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ସହର ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରୁ ପୂଜାର୍ଚ୍ଚନା କରାଯାଇ ଓ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା କଳସଯାତ୍ରା କରି ନଗର ଭ୍ରମଣ କରାଯାଇଥିଲା। କୁଞ୍ଜରେ ଠାକୁରଙ୍କୁ ସ୍ଥାପନ କରାଯାଇ ଅଧିବାସ ପୂଜା ଆରମ୍ଭ ହୋଇଥିଲା। ଆସନ୍ତା ୧୭ ତାରିଖ ଦିନ ନାମଯଜ୍ଞ ଅନୁଷ୍ଠିତ ହେବା ସହ ୧୮ ତାରିଖ ଗୁରୁବାର ନଗରକୀର୍ତ୍ତନ ଓ ଦଧିହାଣ୍ଡି ଭଙ୍ଗାଯାଇ ଉଦ୍ଯାପନ କରାଯିବ। କାର୍ଯ୍ୟକ୍ରମକୁ ସଭାପତି ନିରାକାର ସାହୁ, ଉପସଭାପତି ରଞ୍ଜନ କୁମାର ଦାସ, ସମ୍ପାଦକ ନୃସିଂହ ଚରଣ ସାହୁ, ସହସମ୍ପାଦକ ବିଚିତ୍ରାନନ୍ଦ ସାହୁ, କୋଷାଧ୍ୟକ୍ଷ ବିଷ୍ଣୁ ଚରଣ ସାହୁଙ୍କ ସମେତ ସମସ୍ତ ସଭ୍ୟମାନଙ୍କ ସହଯୋଗରେ କାର୍ଯ୍ୟ ସମ୍ପାଦନ କରାଯାଇଛି।

## ବିଶିଷ୍ଟ ସାହିତ୍ୟିକାଙ୍କୁ ଗଁଦିଆ ସ୍ମୃତି ସମ୍ମାନ

**ଗଁଦିଆ, ୧୬।୪(ସମିସ) :** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ଗଁଦିଆ ସ୍ମୃତି ସଂସଦ ତରଫରୁ କବି ଭୂଷଣ ସ୍ମୃତି ସଂସଦର ବାର୍ଷିକ ଉତ୍ସବରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକା, କବୟିତ୍ରୀ, ସୁଲେଖିକା ଡଃ ହିରଣ୍ମୟୀ ମିଶ୍ର ଓ ଶୃତକୀର୍ତ୍ତି ତ୍ରିପାଠୀଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉତ୍ସବରେ ଗଁଦିଆ ସ୍ମୃତି ସଂସଦର ମୁଖ୍ୟ ଉପଦେଷ୍ଟା ଡଃ ସମୀର କୁମାର ସାହୁଙ୍କ ଉପସ୍ଥିତିରେ ଡଃ ସାହୁଙ୍କ ସହିତ ଗଁଦିଆ ସ୍ମୃତି ସଂସଦର ସଭାପତି ତଥା ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ପ୍ରକୃତି ବନ୍ଧୁ ହରିହର ସାହୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଁଦିଆ ସ୍ମୃତି ସଂସଦ ତରଫରୁ କର୍ମକର୍ତ୍ତା ଡମ୍ବରୁଧର ସେଠୀ, ବିଦ୍ୟାଧର ସାହୁ, ଓ ଅଧ୍ୟାପକ ବିକାଶ ଚନ୍ଦ୍ର ମିଶ୍ର ମଧ୍ୟ ଉପସ୍ଥିତ ହୋଇ ଥିଲେ।

## ଅଗ୍ନିଶମ ବାହିନୀର ମକ୍ ଡ୍ରିଲ

**କାମାକ୍ଷାନଗର, ୧୬।୪(ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଅଗ୍ନିଶମ ବାହିନୀ ତରଫରୁ ଅଗ୍ନିଶମ ସେବା ସପ୍ତାହ ପରିପ୍ରେକ୍ଷୀରେ ଅଗ୍ନିଶମ ବିଭାଗ ତରଫରୁ ଜନସାଧାରଣଙ୍କୁ ଅଗ୍ନି ନିରାପତ୍ତା ବିଷୟରେ ସଚେତନ କରିବା ପାଇଁ ମକ୍ ଡ୍ରିଲ କରାଯାଇଛି। ସ୍ଥାନୀୟ ଖେମକା ସପିଙ୍ଗ ମଲ ଠାରେ ଅଗ୍ନିଶମ ବିଭାଗ ତରଫରୁ ମଲର କର୍ମଚାରୀ ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା ଗ୍ରାହକମାନଙ୍କୁ ଅଗ୍ନି ନିରାପତ୍ତା ବିଷୟରେ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ଏଲଏଫଏମ ଶ୍ରୀକାନ୍ତ ବଳବନ୍ତରାୟ, ଅଶୋକ କୁମାର ସାହୁ, ଆଗ୍ନିକ ରାକେଶ ପଣ୍ଡା, ପ୍ରଣତ ହୋତା, ଗୁରୁ ଚରଣ ସାହୁ, ବ୍ରୁନୁଜ ବେହେରା, ରାଜେନ୍ଦ୍ର ନନ୍ଦ, ଶୁଭେନ୍ଦୁ ମାଝୀ ଓ ଅଜୟ ସାହୁ ପ୍ରମୁଖ ଉପସ୍ଥିତ ରହି କିପରି ଅକସ୍ମାତ ଭାବେ ହେଉଥିବା ଅଗ୍ନିକାଣ୍ଡକୁ ରୋକଯାଇ ଧନଜୀବନର ସୁରକ୍ଷା କରାଯିବ ସେନେଇ କୌଶଳ ଶିଖାଇଥିଲେ।

# କାମାକ୍ଷାନଗରରେ ପ୍ରଫୁଲ୍ଲ ମଲ୍ଲିକଙ୍କ ପ୍ରଚାର



**ଓଡାପଡ଼ା, ୧୬।୪(ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ସାଧାରଣ ନିର୍ବାଚନ ପାଇଁ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ ନିର୍ବାଚନ ପ୍ରଚାର କରିଛନ୍ତି। କାମାକ୍ଷାନଗର ଏନଏସି ଅନ୍ତର୍ଗତ ୭ ଓ ୮ନମ୍ବରୱାର୍ଡରେ ମୁଣ୍ଡିଦେଉଳିରେ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ଓ କାମାକ୍ଷାନଗର ଏନଏସି ହୋଇଥିବା ବିକାଶ କାର୍ଯ୍ୟକୁ ଆଧାର କରି ବିଜେଡି ଲୋକଙ୍କ ପାଖକୁ ଯାଉଛି। ସ୍ଥାନୀୟ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକ ଏନଏସିର ମୁଣ୍ଡିଦେଉଳି ସାହିର କଲ୍ୟାଣମଣ୍ଡପ ଠାରେ ଏକ ନିର୍ବାଚନ ସଭା କରିବା ସହ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତ। ଏହି ଅବସରରେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ସମସ୍ତ କାଉନସିଲର, ବିଜୁ ଜନତା ଦଳ ନଗର ସଭାପତି ଆଦିତ୍ୟ ପ୍ରସାଦ ଆଚାର୍ଯ୍ୟ, ନଗର ସଭାନେତ୍ରୀ ରଞ୍ଜିତା ବେହେରା ଉପସ୍ଥିତ ରହି ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡ଼ ଅବିନାଶ ସାମଲ ଓ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# କପିଳାସ ପୀଠରେ ବାସନ୍ତୀକ ଦୁର୍ଗାପୂଜା

**ଗଁଦିଆ, ୧୬।୪(ସମିସ) :** ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସରେ ଅଷ୍ଟମୀରୁ ତିଥିରୁ ମା'ଙ୍କ ବାସନ୍ତୀକ ଦୁର୍ଗାପୂଜା ହେବ ବୋଲି ଜଣାପଡ଼ିଛି। କପିଳାସରେ ଥିବା ଭୁବନେଶ୍ୱରୀ ମଠରେ ବାସନ୍ତୀକ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ହୋଇଛି। ଆସନ୍ତା ରବିବାର ଷଷ୍ଠୀଠାରୁ ଅଧିବାସ କରାଯାଇ ପ୍ରସ୍ତୁତି ହୋଇଛି। ସୋମବାର ସପ୍ତମୀ ପୂଜା, ମଙ୍ଗଳବାର ଅଷ୍ଟମୀ ପୂଜା, ବୁଧବାର ନବମୀ ପୂଜା, ହେବାର କାର୍ଯ୍ୟ କ୍ରମ ରହିଛି। ମୁଖ୍ୟତଃ ୩ଦିନ ଧରି ମା'ଙ୍କ ବସାନ୍ତିକ ଦୁର୍ଗାପୂଜା ହୋଇଥାଏ। ଠାକୁରାଣୀଙ୍କ ଏହି ପୂଜା ଓ ବିଭିନ୍ନ ବେଶକୁ ଦେଖିବା ପାଇଁ ଆଡମ୍ବର ସହ କରେ ପୂଜା ପାଇଁ ପୀଠରେ ପ୍ରସ୍ତୁତି ହୋଇଛି। କପିଳାସ ପୀଠର ଭୁବନେଶ୍ୱରୀ ମଠରେ ସପ୍ତମୀ ଅଷ୍ଟମୀ ଓ ନବମୀ ତିନି ଦିନ ଧରି ପୂଜା ଅନୁଷ୍ଠିତ ହୋଇଥାଏ। ଏହି ତିନି ଦିନ ଖିରି, ପୁରୀ, ପୀଠପଣା ସହିତ ଏକ ବିଶେଷ ପ୍ରସାଦ ଭାବରେ ବିରି ଖେଚୁଡ଼ି ପ୍ରସ୍ତୁତ କରାଯାଇଥାଏ।



# ୪ ବିଧାନସଭା ଆସନରେ କଂଗ୍ରେସର ନୂଆ ମୁହଁ

**ଢେଙ୍କାନାଳ, ୧୬।୪(ସମିସ) :** ଢେଙ୍କାନାଳ ଜିଲ୍ଲା ଲୋକସଭା ଆସନ ମଧ୍ୟରେ ଥିବା ୪ଟି ବିଧାନସଭା ମଣ୍ଡଳୀର ଢେଙ୍କାନାଳ ସଦର ପାଇଁ ସୁସ୍ମିତା ସିଂହଦେଓ, କାମାକ୍ଷାନଗରରୁ ବିପ୍ରବର ସାହୁ, ହିନ୍ଦୋଳରୁ ଗୋବର୍ଦ୍ଧନ ନାଏକ, ପରଜଙ୍ଗରୁ ରଞ୍ଜିତ୍ ସାହୁଙ୍କୁ ପ୍ରାର୍ଥୀ ଭାବରେ ଘୋଷଣା କରାଯାଇଛି। ଏହି ବିଧାନସଭାଗୁଡିକରେ ପୂର୍ବତନ ପ୍ରାର୍ଥୀଙ୍କୁ ଗୁରୁତ୍ୱ ନଦେଇ ଦଳ ନୂଆମାନଙ୍କୁ ନିର୍ବାଚନରେ ପ୍ରାର୍ଥୀ କରିଛି। ଏହି ବିଧାନସଭା ଆସନରେ ୨୦୧୯ ନିର୍ବାଚନରେ ୪ଟି ଯାକ ବିଧାନସଭା କ୍ଷେତ୍ରରେ ବିଜେଡି ବିଜୟ ଲାଭ କରିଥିଲା। ବିଜେପି ୨ୟ ସ୍ଥାନରେ ରହି କଡ଼ା ଟକ୍କର ଦେଇଥିବା ବେଳେ କଂଗ୍ରେସର ସ୍ଥିତି ସୁଦୃଢ଼ ନଥିବା ଦେଖିବାକୁ ମିଳିଥିଲା। ଚଳିତ ୨୦୨୪ ନିର୍ବାଚନ ପାଇଁ ବିଜେଡି ପକ୍ଷରୁ କାମାକ୍ଷାନଗରରୁ ପ୍ରଫୁଲ ମଲ୍ଲିକ୍, ପରଜଙ୍ଗରୁ ଡ. ନୃସିଂହ ସାହୁ, ଢେଙ୍କାନାଳ ସଦର ପାଇଁ ସୁଧୀର ସାମଲ ପୁରୁଣା ମୁହଁ ଦେଇଥିବା ବେଳେ ହିନ୍ଦୋଳ ସଂରକ୍ଷିତ ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇ ନଥିବାରୁ ଏକାଧିକ ପ୍ରାର୍ଥୀ ଟିକେଟ ଦୌଡ଼ରେ ଅଛନ୍ତି। ସେହିପରି ବିଜେପି ପକ୍ଷରୁ ପୁରୁଣା ମୁହଁ କାମାକ୍ଷାନଗରରୁ ଶତ୍ରୁଘ୍ନ ଜେନା, ଢେଙ୍କାନାଳରୁ କୃଷ୍ଣଚନ୍ଦ୍ର ପାତ୍ର ଓ ପରଜଙ୍ଗ ନିର୍ବାଚନ ମଣ୍ଡଳୀରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭାଇ ବିଭୁତି ପ୍ରଧାନଙ୍କୁ ଦିଆଯାଇଛି। ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ବିଜେପି ପକ୍ଷରୁ ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା ଟିକେଟ୍ ଦୌଡ଼ରେ ଆଗରେ ଥିବା ବେଳେ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇନାହିଁ। ବିଜେଡି କାହାକୁ ପ୍ରାର୍ଥୀ କରୁଛି ଏହାକୁ ଦେଖି ବିଜେପି ପ୍ରାର୍ଥୀ ଘୋଷଣା କରିବ ବୋଲି ଜିଲ୍ଲା ସଭାପତି ନରେଶ ମହାପାତ୍ର ଜଣାଇଛନ୍ତି। ଏହି ବିଧାନସଭା କ୍ଷେତ୍ର ଗୁଡିକରେ ବିଜେପି ଓ ବିଜେଡି ୨ ମୁଖୀ ଲଢେଇ ହେବାର ସମ୍ଭାବନା ରହିଛି। ତେବେ କଂଗ୍ରେସ ନୂଆଙ୍କୁ ରଣାଙ୍ଗନରେ ଅବତୀର୍ଣ୍ଣ କରି ଆଗାମୀ ଦିନରେ ଦଳକୁ ସୁଦୃଢ଼ କରିବାକୁ ଚେଷ୍ଟା ଚଳାଇଛି।

# ରାଜକିଶୋର ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଢେଙ୍କାନାଳ, ୧୬।୪ (ସମିସ ) :** ବିଶିଷ୍ଟ କବି, ସାହିତ୍ୟିକ ତଥା ଶିକ୍ଷାବିତ୍ କବି ଭୂଷଣ ରାଜକିଶୋର ପଟ୍ଟନାୟକଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କବିଙ୍କ ନିଜସ୍ୱ ବାସଭବନ ଠାରେ ଯୁବରାଜ ଅମର ଜ୍ୟୋତି ସିଂହଦେଓଙ୍କ ପୌରୋହିତ୍ୟରେ କବିଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଭାପତି ଶଙ୍କର୍ଷଣ ଶତପଥୀ ଅଧକ୍ଷତା କରିଥିଲେ। ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ଏକ ମନୋଜ୍ଞ କବିତା ପାଠ ଉତ୍ସବ ସଭା ମୁଖ୍ୟ କବୟିତ୍ରୀ ସୁକାନ୍ତି ସାହୁ ତଥା ଅତିଥି ଡ. ପ୍ରମୋଦ କୁମାର ନାୟକଙ୍କ ଦିଗ୍ଦର୍ଶନରେ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦ୍ଘାଟିକା ଭାବରେ ଡ. ହିରଣମୟୀ ମିଶ୍ର, ମୁଖ୍ୟ ଅତିଥି ଭାବରେ ଶ୍ରୁତକୀର୍ତ୍ତି ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ଡ. ସୁଚେତା ମିଶ୍ର, ମୁଖ୍ୟ ବକ୍ତା ଭାବରେ ଡ. ଅଜିତ କୁମାର ରଣା ମହୋଦୟ ପ୍ରଭୃତି କବିଭୂଷଣଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଭୀମଭୋଇ ସ୍ମୃତି ସମ୍ମାନ ଡ. ହିରଣମୟୀ ମିଶ୍ର, କବି ବ୍ରଜନାଥ ସ୍ମୃତି ସମ୍ମାନ ଶିଳ୍ପୀ ରବି ରଥ, କବି ଭୂଷଣ ସ୍ମୃତି ସମ୍ମାନ ଡ. ଶ୍ରୁତକୀର୍ତ୍ତି ତ୍ରିପାଠୀ, ଶ୍ରୀ ରଙ୍ଗରାଜ ସମ୍ମାନ ଡ. ସୁଚେତା ମିଶ୍ର, ଆଦର୍ଶ ଶିକ୍ଷକ ସମ୍ମାନ ବିରଞ୍ଚି ନାରାୟଣ ହୋତାଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସଂସଦର ସଂଗଠନ ସମ୍ପାଦକ ଡ. ଦେବୀ ପ୍ରସାଦ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ସଭା ସାଙ୍ଗ କରାଯାଇଥିଲା।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର



**କାମାକ୍ଷାନଗର, ୧୬।୪(ସମିସ) :** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର କୋରିଆପାଳ ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୪ଟାରେ ଅଜଣା ଗାଡ଼ି ଧକାରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। କାମାକ୍ଷାନଗରରୁ ନିଜ ଘର ଜାମୁଝରା ଗାଁକୁ ଗ୍ରାମର ତପନ ପ୍ରଧାନ (୨୮)ଯାଉଥିବା ବେଳେ କୋରିଆପାଳ ଛକ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଦେଇଥିଲା ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ କାମାକ୍ଷାନଗର ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

■ ପରଜଙ୍ଗରେ ନିର୍ବାଚନ ପ୍ରଚାର ଜୋରଦାର

# ଗାଁ ଗାଁରେ ଚାଲିଛି ବିଜେଡିର ସଭା

**କାମାକ୍ଷାନଗର, ୧୬।୪(ସମିସ) :** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ତରଫରୁ ପ୍ରଚାରକୁ ଜୋରଦାର କରାଯାଇଛି। ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରେ କର୍ମୀମାନଙ୍କୁ ନେଇ ବୈଠକ ଆୟୋଜନ କରି ବିପୁଳ ଭୋଟରେ ବିଜୟ ଲାଭ କରିବା ପାଇଁ ଦଳ ପ୍ରସ୍ତୁତ ହେଉଛି। କଙ୍କଡାହାଡ଼ ବ୍ଲକ ଅନ୍ତର୍ଗତ ଝିଲ୍ଲୀ ଗ୍ରାମ ପଞ୍ଚାୟତ ଠାରେ କର୍ମୀ ସମାବେଶରେ ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ଡ. ନୃସିଂହ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କିପରି କଙ୍କଡାହାଡ଼ ବ୍ଲକର ସମସ୍ତ ପଞ୍ଚାୟତରେ ଦଳ ବିପୁଳ ପରିମାଣରେ ଭୋଟ ପାଇବ ସେନେଇ ରଣନୀତି ପ୍ରସ୍ତୁତ କରାଯାଇଛି। ଏହି ବୈଠକରେ ଝିଲ୍ଲୀ ଗ୍ରାମ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଓ ନେତା ଉପସ୍ଥିତ ରହି ଆଗାମୀ ନିର୍ବାଚନରେ ଝିଲ୍ଲୀ ପଞ୍ଚାୟତ ସହ କଙ୍କଡାହାଡ଼ ବ୍ଲକରେ ଦଳକୁ ବିପୁଳ ଭୋଟ ଦେଇ ନୃସିଂହ ଚରଣ ସାହୁଙ୍କୁ ବିଧାୟକ ଭାବେ ଜିତାଇବା ପାଇଁ ଶପଥ ନେଇଛନ୍ତି।



● ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ନିର୍ବାଚନ କାର୍ଯ୍ୟ ସମୀକ୍ଷା

# ଫେକ୍ ନ୍ୟୁଜ୍ ଏବଂ ନିଶା କାରବାର ଉପରେ ହେବ କାର୍ଯ୍ୟାନୁଷ୍ଠାନ

**ଢେଙ୍କାନାଳ, ୧୬।୪ (ସମିସ ) :** ଉତ୍ତରାଞ୍ଚଳର ରାଜସ୍ୱ ଆୟୁକ୍ତ ସମ୍ବଲପୁର ଶ୍ରୀକାନ୍ତ ପୃଷ୍ଟି ଢେଙ୍କାନାଳ ଲୋକସଭା ଏବଂ ୪ଟି ବିଧାନସଭା ଆସନ ନିମନ୍ତେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନ ପକ୍ରିୟା କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ରାଜସ୍ୱ ଆୟୁକ୍ତ ମହିଷିଆପାଟସ୍ଥିତ ଇଭିଏମ୍ ୱେର ହାଉସ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ଡିସିଆର ପରିଦର୍ଶନ କରିଥିଲେ। ଜିଲ୍ଲା କାର୍ଯ୍ୟାଳୟଠାରେ ସେ ନିର୍ବାଚନ ପକ୍ରିୟା ସମ୍ପର୍କରେ ସମ୍ପୃକ୍ତ ଅଧୀକାରୀମାନଙ୍କ ସହିତ ଆଲୋଚନା କରଥିଲେ। ନିର୍ବାଚନ ସମୟରେ ଯେପରି କୌଣସି ବ୍ୟକ୍ତିଙ୍କ



ଜୀବନ ହାନି ନ ହୁଏ ସେଥିପ୍ରତି ସମସ୍ତ ଅଧିକାରୀମାନେ ସର୍ବାଧୀକ ଗୁରୁତ୍ୱ ଦେବାକୁ କହିଥିଲେ। ସେକ୍ଟର ଅଫିସରଙ୍କ ଗାଡ଼ିରେ ମେଡିକାଲ ଟିମ୍ର ବ୍ୟବସ୍ଥା କରାଯିବା ସହ ଆବଶ୍ୟକସ୍ଥଳରେ ଜଳଛତ୍ର ବ୍ୟବସ୍ଥା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନିୟୋଜିତ କରିବା, ଅଂଶୁଘାତ ପ୍ରତି ବିଶେଷ ସତର୍କ ରହିବା ସହିତ ଆଇନଗତ ବିଶୃଙ୍ଖଳା ପ୍ରତି ସଜାଗ ରହିବାକୁ ପୁଲିସ୍ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଫେକ୍ ନ୍ୟୁଜ୍ ଏବଂ ନିଶା କାରବାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିଲେ। ବିଭିନ୍ନ ମୋଟିଭେସନ କାର୍ଯ୍ୟକ୍ରମ ମାଧ୍ୟମରେ ଅଧିକ ଭୋଟରଙ୍କୁ ଆକୃଷ୍ଟ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ନୋଡାଲ ଅଫିସର ଜ୍ୟୋତିଶଙ୍କର ସାହୁ ଏହି ବୈଠକରେ ଅବଗତ କରିଥିଲେ। ଏହି ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ରିତ ରିତୁରାଜ ସାଧାରଣ ନିର୍ବାଚନ ପକ୍ରିୟା ନିମନ୍ତେ ହୋଇଥିବା ବିଭିନ୍ନ ପ୍ରଶିକ୍ଷଣ ଓ ବ୍ୟବସ୍ଥା ସମ୍ପର୍କରେ ରାଜସ୍ୱ ଆୟୋଗଙ୍କୁ ଅବଗତ କରିଥିଲେ। ଏହି ବୈଠକରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ଶ୍ମଶାନରେ ଚଣ୍ଡୀପୂଜା

**ଢେଙ୍କାନାଳ, ୧୬।୪ (ସମିସ ) :** ଓଡାପଡ଼ା ବ୍ଲକ ଅନ୍ତର୍ଗତ ଗୋବିନ୍ଦପ୍ରସାଦ ଗ୍ରାମ ଶ୍ମଶାନସ୍ଥିତ ମା' ଚଣ୍ଡୀ ଠାକୁରାଣୀଙ୍କ ଠାରେ ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ପୂଜା ସହିତ ପଞ୍ଚାନନ ମେଳା ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଅଛି। ଏ ବର୍ଷ ମା'ଚଣ୍ଡୀଙ୍କର 'ସୁନାହାର ସହିତ ରୂପା ମୁକୁଟ ହୋଇଥିବାରୁ ଲୋକମାନଙ୍କ ମଧ୍ୟରେ ଅନେକ ଆଗ୍ରହ ଦେଖିବାକୁ ମିଳିଥିଲା। ପବିତ୍ର ଭାଗିରଥ, ଅଳକାନନ୍ଦା ଏବଂ ହରିଦ୍ୱାର ଗଙ୍ଗା ନଦୀରୁ ଆସିଥିବା ଜଳରେ ମା'ଙ୍କୁ ସ୍ନାନ କରାଯାଇଥିଲା। ପରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ମା'ଙ୍କ ଠାରେ ଲାଗିହୋଇଥିବା ପଣାକୁ ବଣ୍ଟନ କରାଯାଇଥିଲା। ଦୀର୍ଘ ୬୦ ବର୍ଷରୁ ଅଧିକ ଧରି ଏହି ଶ୍ମଶାନରେ ଚଣ୍ଡୀଙ୍କର ପୂଜା ଅନୁଷ୍ଠିତ ହୋଇଆସୁଥିଛି।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଢେଙ୍କାନାଳ, ୧୬।୪(ସମିସ) :** ସଦର ବ୍ଲକ ଅନ୍ତର୍ଗତ ଦେଓପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ଦାସ, ବାପୁଜୀ ଉପ୍ରା ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପ୍ରତିମା ସ୍ୱାଇଁ ଓ ରାଇଡ଼ିହି ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତା ପଟ୍ଟନାୟକ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସଦର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା।

# ମରଣଯନ୍ତା ପାଲଟିଛି ରାସ୍ତା; ୨ ଦିନରେ ଏକାଧିକ ଦୁର୍ଘଟଣା

**ଏରସମା,୧୬।୪(ସମିସ)**

ନିର୍ବାଚନ ପାଇଁ ବାଲିକୁଦା ଏରସମାର ବିଭିନ୍ନ ରାସ୍ତା ନିର୍ମାଣ ଓ ମରାମତି ଚାଲିଛି। ସମସ୍ତେ ନିର୍ବାଚନ ପାଇଁ ବ୍ୟସ୍ତ ଥିବା ବେଳେ ଠିକାଦାର ଓ ବିଭାଗୀୟଯନ୍ତ୍ରୀଙ୍କ ସଲାସୁତୁରାରେ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଅଭିଯୋଗ କଲାପରେ ବି କୌଣସି ସୁଫଳ ଦେଖିବାକୁ ମିଳୁନି। ଯାହା ଦ୍ୱାରା ସାଧାରଣ ଯାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏରସମା ବ୍ଲକ ପାଳଧୂଆବନ୍ଧଠାରୁ ଗଡହରିସପୁର ପର୍ଯ୍ୟନ୍ତ ନିର୍ମାଣ କରାଯାଉଥିବା ଏହି ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ପୁରୁଣା ପିଚୁକୁ ଉଠା ନଯାଇ କେବଳ ପିଚୁକୁ ତାଡି ତା ଉପରେ ଗୋଡ଼ି ଆଉ ଡଷ୍ଟ ବିଛାଯାଉଛି। ଆବଶ୍ୟକତା ଅନୁସାରେ ପାଣି ଦିଆଯାଉ ନଥିବା ମଧ ଦେଖିବାକୁ ମିଳୁଛି। ଯାହା ଫଳରେ ଗୋଡ଼ିଗୁଡ଼ିକ ରାସ୍ତାରେ ଗଡୁଛି। ଯେଉଁଥିପାଇଁ ବାଇକ୍ ଆଉ କାର ପ୍ରଭୃତି ଗାଡ଼ି ଏହି ରାସ୍ତାରେ ଯିବା ବିପଦପୂର୍ଣ୍ଣ ହେଉଛି। ଗତକାଲି ଦୁଇଟି ଗାଡ଼ି ଏହି ରାସ୍ତାରେ ଯିବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡ଼ିଥିଲା। ଗାଡ଼ିର ଗତି ମନ୍ଥର ଥିବାରୁ କାହାର ବିଶେଷ କ୍ଷତି ହୋଇ ନ ଥିବା ବେଳେ ସମସ୍ତେ ଆଶୁ ଚିକିତ୍ସା ପରେ ସୁସ୍ଥ ଅଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ସଠିକ୍ ଭାବରେ ଓ ସଠିକ୍ ସମୟରେ ଶେଷ କରିବା ପାଇଁ ସ୍ଥାନୀୟ ବାସିନ୍ଦା କୈଳାସ ବେହେରା, ନରେଶ ସ୍ୱାଇଁ, ରାକେଶ ହାତୀ, ରାଜୁ ତରାଇ, ରଞ୍ଜନ ସାହୁ ପ୍ରମୁଖ ଦାବି କରିଛନ୍ତି।



## କାର୍‌କୁ ପିଟିଲା ହାଇୱା : ୨ ଗୁରୁତର

**ରଘୁନାଥପୁର,୧୬।୪(ସମିସ):** କଟକ ପାରାଦୀପ ରାସ୍ତାର ରଘୁନାଥପୁର ଥାନା ଅନ୍ତର୍ଗତ ବାଇପାସ୍ ନିକଟରେ ଗତକାଲି ରାତ୍ରି ୪ଘଟିକା ସମୟରେ ହାଇୱା କାରକୁ ଧକ୍କା ଦେବାରୁ ୨ଜଣ ଗୁରୁତର ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ କଟକରୁ ପାରାଦୀପ ଅଭିମୁଖେ ଯାଉଥିବା କାର ନଂ ଓଡ଼ି୦୨ୟୁ୨୧୧୧କୁ ପାରାଦ୍ୱୀପରୁ କଟକ ଅଭିମୁଖେ ହାଇୱା ଗାଡି ନଂ- ଓଡି୦୪ଡି୯୦୩୪ ଟି ଧକ୍କାଦେଇ ୩୦ଫୁଟ୍ ଘୋଷାଡି ନେଇ ଯାଇଥିଲା। କାର୍ ଭିତରେ ଥିବା ଡ୍ରାଇଭର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ସାହୁପାଟଣା ଗ୍ରାମର ପ୍ରଦୀପ୍ତ କୁମାର ଭୋଇ (୨୮) ଓ କଟକ ସଦର ଥାନା ଅନ୍ତର୍ଗତ ଅରନ୍ଦିଆପଡା ଗ୍ରାମର ନିର୍ମଳ ଚନ୍ଦ୍ର ଭୋଇ (୩୪) ଗୁରୁତର ହୋଇପଡିଥିଲେ। ଉଭୟଙ୍କୁ ରଘୁନାଥପୁର ଥାନା ଆଇ.ଆଇ.ସି. ସୁଶାନ୍ତ କୁମାର ସେଠୀ, ଏ.ଏସ୍.ଆଇ. ସଞ୍ଜୟ କୁମାର ଦଣ୍ଡପାଟ ଉଦ୍ଧାର କରି ରଘୁନାଥପୁର ଗୋଷ୍ଠିସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ।



## କାର୍ ଦୁର୍ଘଟଣାଗ୍ରସ୍ତ

**କୁଜଙ୍ଗ,୧୬।୪(ସମିସ):** କଟକ-ପାରାଦ୍ୱୀପ ରାସ୍ତାର ବାଲିଆପଡା ନିକଟରେ ଏକ ଧଳା ରଙ୍ଗର କାର ଭାରସ୍ୟାମ ହରାଇ ରାସ୍ତାକଡକୁ ଖସିଯାଇଛି। ସୌଭାଗ୍ୟବଶତଃ ଗାଡିରେ ବସିଥିବା ବ୍ୟକ୍ତି ଓ ଚାଳକଙ୍କ ବିଶେଷ କିଛି କ୍ଷତି ହୋଇନି। ଗତକାଲି ମଧ୍ୟ ରାତ୍ରିରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଗାଡିଟି ରାତିରେ କଟକରୁ ଫେରୁଥିଲା। ଗାଡି ମାଲିକଙ୍କ ଘର କୁଜଙ୍ଗ ଜଗନ୍ନାଥପୁର ବୋଲି ଜଣାପଡିଛି। ଏନେଇ କୌଣସି ଅଭିଯୋଗ ଥାନାରେ କରାଯାଇ ନାହିଁ।

## ଆଇନଜୀବୀଙ୍କ ବିୟୋଗରେ ଶୋକ

**ଜଗତସିଂହପୁର,୧୬।୪(ସମିସ):** ଜଗତସିଂହପୁର ଜିଲ୍ଲା ଓକିଲ ସଂଘର ସଦସ୍ୟ ଜଣାଶୁଣା ଆଇନଜୀବୀ ଦୀପକ୍ କୁମାର ନାୟକ (ବୁନୁ)ଙ୍କର ଗତକାଲି ରାତିରେ ୫୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ କିଛି ଦିନ ଧରି ବିଭିନ୍ନ ସ୍ୱାସ୍ଥ୍ୟ ଜନିତ ସମସ୍ୟାରେ ପୀଡ଼ିତ ଥିଲେ। ଆଇନଜୀବୀ ସ୍ୱର୍ଗତ ନାୟକଙ୍କ ମରଶରୀର କୋର୍ଟ ପରିସରରେ ପହଞ୍ଚିବା ପରେ ଜଗତସିଂହପୁର ଜିଲ୍ଲା ଜଜ୍ ଅନୁପ କୁମାର ଚନ୍ଦନଙ୍କ ସହିତ ସମସ୍ତ ବିଚାରପତି ଓ ବାର୍ ଆସୋସିଏସନ୍ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଓକିଲ ସଂଘ ଗୃହରେ ଆୟୋଜିତ ଶୋକସଭାରେ ସଂଘର ସଭାପତି ଆଇନଜୀବୀ ରବିନ୍ଦ୍ରନାଥ ମହାନ୍ତି ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଆଇନଜୀବୀ ଗୋରାଚାନ୍ଦ୍ କାନୁନଗୋ,ଅତୁ୍ୟଲ ଚନ୍ଦ୍ର ଦାସ, ସୌରୀପ୍ରସାଦ ସ୍ୱାଇଁ, ବିଳାସ ଚନ୍ଦ୍ର ଲେଙ୍କା, ଦୋଳଗୋବିନ୍ଦ ଦାଶ, ବାସୁଦେବ,ପୀତାମ୍ବର ପଣ୍ଡା, ସୁଧାଂଶୁ ମୋହନ ମିଶ୍ର, ସୁଧୀର କୁମାର ଖୁଣ୍ଟିଆ, ମହେଶ ଚନ୍ଦ୍ର ମହାନ୍ତି,ଶାରଦା ପ୍ରସାଦ ଦାସ୍, ବୀର ନାରାୟଣ ପାତ୍ର,ଦୁଷ୍ମନ୍ତ କୁମାର ବାରିକ ଓ ସଂପାଦକ ନରେଶ ଦାସ ପ୍ରମୁଖ ସ୍ମୃତି ଚାରଣ କରିଥିଲେ।

## ପୁଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ

**କୁଜଙ୍ଗ,୧୬।୪(ସମିସ):** ସାଧାରଣ ନିର୍ବାଚନକୁ ଆଉ ମାସେ ରହିଥିବା ବେଳେ କୁଜଙ୍ଗ ପୁଲିସ ପକ୍ଷରୁ ଆଜି ବାଲିତୁଠ ଅଞ୍ଚଳରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଥିବା ସୂଚନା ମିଳିଛି। କୁଜଙ୍ଗ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କ ନେତୃତ୍ୱରେ ଏହି ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା।



## ଦୁଇ ବଖରା ଜଳିଗଲା

**ଏରସମା,୧୬।୪(ସମିସ):** ଏରସମା ତହସିଲ ଅନ୍ତର୍ଗତ ଜାନକାଦେଇପୁର ପଞ୍ଚାୟତ କୋଟିଳାବେଦୀ ଗ୍ରାମର ହେମନ୍ତ ସ୍ୱାଇଁଙ୍କର ଦୁଇ ବଖରା ଘର ଆଜି ଅପରାହ୍ନରେ ନିଆଁ ଲାଗି ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଏରସମା ଅଗ୍ନୀଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ। ସରପଞ୍ଚ ଜିତେନ୍ଦ୍ର ବେହେରା ଏବଂ ରାଜସ୍ୱ ନୀରିକ୍ଷକ ପହଞ୍ଚି ବିପନ୍ନ ପରିବାରକୁ ସାନ୍ତ୍ୱନା ଦେବା ସହ ତହସିଲ ପକ୍ଷରୁ ପଲିଥିନ ପ୍ରଦାନ କରାଯାଇଛି। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।



## ନଳିନୀଙ୍କୁ ଏରସମାରେ ସମ୍ବର୍ଦ୍ଧନା

**ଏରସମା,୧୬।୪(ସମିସ):** ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ଦଳ ପକ୍ଷରୁ ଇଂ ନଳିନୀ କୁମାର ସ୍ୱାଇଁଙ୍କୁ ବିଧାୟକ ପ୍ରାର୍ଥୀ ଘୋଷଣା କରାଯିବା ପରେ,କଂଗ୍ରେସ କର୍ମୀ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏଥିପାଇଁ କଂଗ୍ରେସ କର୍ମୀମାନେ ମିଠାଖାଇ,ବାଣଫୁଟାଇ ଖୁସି ମନାଇଛନ୍ତି। ଏହି ଉପଲକ୍ଷେ ଏରସମା ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ବ୍ଲକ୍ କଂଗ୍ରେସ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପଏଦା ପଞ୍ଚାୟତ ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ,ବ୍ଲକ୍ କଂଗ୍ରେସ କୋଷାଧକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ,ବ୍ଲକ୍ ଓବିସି ସଭାପତି ଜିତେନ୍ଦ୍ର ମହାନ୍ତି, ବ୍ଲକ୍ ସେବା ଦଳ ମୁଖ୍ୟ ରବୀନ୍ଦ୍ର ମୁଦୁଲି,ଦେବେନ୍ଦ୍ର ମହାରଣା,କାଳନ୍ଦୀ ଗଛାୟତ,ଦିଲ୍ଲିପ ସ୍ୱାଇଁ,ଭୋଳାନାଥ ସ୍ୱାଇଁ,ରଞ୍ଜନ କୁମାର ସେଠୀ ଓ ସଂଗ୍ରାମ ସ୍ୱାଇଁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀମାନେ ଯୋଗଦେଇ ବିଧାୟକ ପ୍ରାର୍ଥୀ ନଳିନୀ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।ଏହି ଅବସରରେ ପ୍ରାର୍ଥୀ ଶ୍ରୀ ସ୍ୱାଇଁ କାଣୀପଦା ତାରିଣୀ ମନ୍ଦିର,ଅଲଣା ହନୁମାନ ମନ୍ଦିର ଓ ନୂଆଡିହି ମଠସାହିର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।



## ମହାବୀର ପୀଠ ଉନ୍ନୟନ କାର୍ଯ୍ୟ ନିମ୍ନମାନର

**ଏରସମା,୧୬।୪(ସମିସ):** ଏରସମା ବ୍ଲକ ଅନ୍ତର୍ଗତ ଆମ୍ବିକୀ ପଞ୍ଚାୟତସ୍ଥିତ ପଠାଣଡିଆ ମହାବୀର ପୀଠର ଉନ୍ନତିକରଣ ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପାଇଖାନା ନିର୍ମାଣ କରାଯାଇଛି। ମାତ୍ର ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବାରୁ ତାହା ଏବେ ବ୍ୟବହାର ଉପଯୋଗୀ ହୋଇପାରୁନି। ନିମ୍ନମାନର କାର୍ଯ୍ୟ ବିଷୟରେ କାଙ୍କଣ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ଜେଠି ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ଏହା ସହିତ ମହାବୀର ପୀଠର ପୁରୁଣା ପ୍ରାଚୀରରେ କେବଳ ରଙ୍ଗ ବୋଳି ଲକ୍ଷାଧିକ ଟଙ୍କା ଲୁଟ କରିବାର ମସୁଧା ଚାଲିଥିବା ମଧ ଅଭିଯୋଗ ହୋଇଛି। ତୁରନ୍ତ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ରଞ୍ଜନ ମହାନ୍ତି, ରବୀନ୍ଦ୍ର ଗିରି, ବାପି ମାଇତି, ଜଗା ମାଇତୀ, ସୁନୀଲ ପ୍ରଧାନ, ଭୋଳା ବାଗ, କପିଳ ମାଳିକଙ୍କ ସମେତ ଅନ୍ୟ ଗ୍ରାମବାସୀମାନେ ଦାବି କରିଛନ୍ତି।





## ଜୟବଡ଼ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜଳସେବା

**ଜଗତସିଂହପୁର,୧୬।୪(ସମିସ):** ଜୟବଡସ୍ଥିତ ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜଳସେବା କାର୍ଯ୍ୟକ୍ରମ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପାଖରେ ପଣାସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଛି। ନାଗରିକ ମଞ୍ଚର ସଭାପତି ଡାକ୍ତର ରଘୁନାଥ ଜେନା, ଉପସଭାପତି ପ୍ରେମାନନ୍ଦ ପଡିହାରୀ ଓ ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାଥ ସାହୁଙ୍କ ନେତୃତ୍ୱରେ ଏହି ଜଳଦାନ ଜାରିରହିଛି। ଏହି ଜଳସେବା କାର୍ଯ୍ୟ ଆହୁରି ୧୫ଦିନ ଚାଲୁରହିବ ବୋଲି ମଞ୍ଚପକ୍ଷରୁ କୁହାଯାଇଛି। ଏହି ଅବସରରେ ଜୟବଡ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଜଗନ୍ନାଥଙ୍କ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଏବଂ ପଥଚାରୀମାନଙ୍କୁ ଦହି ସର୍ବତ ଓ ଥଣ୍ଡା ପାନୀୟଜଳ ଯୋଗାଇ ଦିଆଯାଉଛି। ଏହି ଜଳଦାନ କାର୍ଯ୍ୟକ୍ରମକୁ ସୂଚାରରୂପେ ପରିଚାଳନା କରିବାରେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ପ୍ରେମାନନ୍ଦ ପଢିହାରୀ, ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ଶିକ୍ଷକ ବିଜୟରଥ, ଗୌରୀ ପ୍ରସାଦ ନାୟକ, ଦୁର୍ଗା ଆଚାର୍ଯ୍ୟ, ସୁଧୀର ମହାପାତ୍ର, ଭବାନୀ ଦାଶ, ଈଶ୍ୱର ଚନ୍ଦ୍ର ନନ୍ଦ, ସୁକାନ୍ତ ସେଠୀ, ଡାକ୍ତର ଅବଧୂତ ନାୟକ ଓ ଅମର ମଲ୍ଲିକ ପ୍ରମୁଖ ଏହି ପରିଚାଳନାରେ ସହାୟତା କରିଥିଲେ।




## ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଭ୍ରାମ୍ୟମାଣ ସାହିତ୍ୟ ସଭା

**ଡେରାବିଶ,୧୬।୪(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତର ଜହ୍ନିମୂଳ ଗ୍ରାମର ବାଞ୍ଛାବଟଠାରେ ଭ୍ରାମ୍ୟମାଣ ସାହିତ୍ୟ ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। କବି ବାପିନ ମଲ୍ଲଙ୍କ ପିତା ସ୍ୱର୍ଗତ ହୃଦାନନ୍ଦ ମଲ୍ଲଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆୟୋଜିତ ଉତ୍ସବରେ ପରିଷଦର ସଭାପତି ସଂଜୟ କୁମାର ମଲିକ ଅଧକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥିଭାବେ ବିଶିଷ୍ଟ ବାସ୍ତୁବିତ୍ କବି ନାରାୟଣ ପତି, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ, କବି ନିକୁଞ୍ଜ ବିହାରୀ ପୃଷ୍ଟି ଯୋଗଦେଇ ପିତାମାତା ହେଉଛନ୍ତି ପ୍ରଥମ ଦେବତା। ତାଙ୍କୁ ପୂଜା କଲେ ସନ୍ତାନର ଜୀବନରେ କେବେବି ଅସୁବିଧା ହେବ ନାହିଁ ବୋଲି କହିଥିଲେ। ପ୍ରାରମ୍ଭରେ କବି ଗୋଲଖ ଚନ୍ଦ୍ର ସେଠୀ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ସ୍ୱପ୍ନାଂଶୁ କୁମାର ଦାସ ଅନୁଷ୍ଠାନର ଅଭିମୁଖ୍ୟ ଓ ସଭାରେ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟିଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଶ୍ରୀଧର ମହାନ୍ତି, କବିତା ମୁଦୁଲି, ରଜନୀକାନ୍ତ ଦାସ, ନିକୁ ବିହାରୀ ପୃଷ୍ଟି, ନାରାୟଣ ପତି, ଶରତ କୁମାର ରାଉତ, ଗଗନ ବିହାରୀ ସିଂ, ଗଗନ ବିହାରୀ ଜେନା, ମୋନାଲିସା ମଲ୍ଲ, ସଂଜୟ କୁମାର ଲେଙ୍କା, ନରହରି ସେଠୀ, ପ୍ରମୋଦ କୁମାର ସାମନ୍ତରାୟ ପ୍ରମୁଖ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ କବି ବାପିନ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।




## ଜିଲ୍ଲାପାଳଙ୍କ ବିଭିନ୍ନ ବୁଥ୍ ପରିଦର୍ଶନ

**ପାରାଦୀପ,୧୬।୪(ସମିସ)**

ଜଗତସିଂହପୁର ଜିଲ୍ଲାପାଳ ଅନୁପ ସାହା ଆଜି ପାରାଦୀପ ପ୍ରଥମ ଗସ୍ତ କରିଥିଲେ। ପାରାଦୀପ ନିର୍ବାଚନମଣ୍ଡଳୀ କୁଜଙ୍ଗ ବ୍ଲକର ସାଇଲୋ ଗ୍ରାମ ପଞ୍ଚାୟତ ଅଧୀନ ତେରମାଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବୁଥ୍ ନଂ ୩୩, ୩୪, ୩୫ ଓ ବନବିହାରୀ ଉଚ୍ଚ ବିଦ୍ୟାଳୟ, ବଳରାମପୁର ନୁଆସାହି ପ୍ରାଥମିକ ବିଦ୍ୟାଳୟ,ଏନଏସି ହାଇସ୍କୁଲ ପାରାଦୀପ, ପାରାଦୀପ ନୋଳିଆସାହି ସ୍କୁଲର ବିଭିନ୍ନ ବୁଥ୍ ପରିଦର୍ଶନ କରିବା ସହ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମଧ ପରିଦର୍ଶନ କରି ପାରାଦୀପ ସର୍କିଟ ହାଉସଠାରେ ନିର୍ବାଚନ ଅଧିକାରୀ ମାନଙ୍କ ସହିତ ଏକ ବୈଠକରେ ଆଲୋଚନା କରିଥିଲେ। ଆଗାମୀ ସାଧାରଣ ନିର୍ବାଚନ -୨୦୨୪ର ସୁପରିଚାଳନା ନିମନ୍ତେ ନିର୍ବାଚନ ବୁଥ୍ ଗୁଡିକ ସେ ତଦାରଖ କରିଥିଲେ। ବୁଥ୍ ଗୁଡିକରେ ନିର୍ବାଚନ ଅଧିକାରୀମାନେ ରହି ଭୋଟ ଗ୍ରହଣ କରାଇବାର ମୌଳିକସୁବିଧା ସୁଯୋଗକୁ ସେ ତଦାରଖ କରିବା ସହ ପାନୀୟ ଜଳ, ବିଦ୍ୟୁତ, ପୁରୁଷ ମହିଳାଙ୍କ ପାଇଁ ଶୌଚାଳୟ, ବୟସ୍କ ବ୍ୟକ୍ତି ମାନଙ୍କ ପାଇଁ ରାପ, ଭୋଟରମାନଙ୍କୁ ଗ୍ରୀଷ୍ମ ତାପରୁ ରକ୍ଷାପାଇବା ପାଇଁ ସେଡ୍, ବିଭିନ୍ନ ଅଘଟଣକୁ ଏଡାଇବା ପାଇଁ ହେଲ୍ପ ଲାଇନର ସୁବିଧା କରିବା ପାଇଁ ଉପସ୍ଥିତ ନିର୍ବାଚନ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଅଧିକାରୀମାନଙ୍କୁ ନିର୍ବାଚନ ସୁପରିଚାଳନା ଓ ବୁଥ୍ ଗୁଡିକର ଯେଉଁ ଅଭାବ ଅସୁବିଧା ରହିଛି ତାକୁ ଶୀଘ୍ର ସମାଧାନ ନିମନ୍ତେ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳଙ୍କ ବୁଥ ପରିଦର୍ଶନ ସମୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଲଳିତ କୁମାର ବେହେରା, ଡିଏସପି ପାରାଦୀପ ସନ୍ତୋଷ ଜେନା, ପାରାଦୀପ ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ, ପାରାଦୀପ ମୁନିସିପାଲିଟି ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ସମାଜସେବୀ ଡଃ ସୁନାକର ବେହେରା, ଜିଲ୍ଲା ବରିଷ୍ଠ କନସଲଟାଣ୍ଟ ସର୍ବଶିକ୍ଷା ଅଭିଯାନ ଶୁଭେନ୍ଦୁ ବରାଳ, କୁଜଙ୍ଗ ତହସିଲଦାର ପୁଷ୍ପାଶ୍ରୀ ସାଣ୍ଡାଲ, ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, କୁଜଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରା,ସହ ଶିକ୍ଷାଧିକାରୀ, ମହିଳା କୁଜଙ୍ଗ ଶିଶୁ ବିକାଶ ଅଧିକାରିଣୀ ରାଜଶ୍ରୀ ସାହୁ, .ତିର୍ତ୍ତୋଲ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ, ତିର୍ତ୍ତୋଲ ତହସିଲଦାର, ସାଇଲୋ ଗ୍ରାମ ପଞ୍ଚାୟତ ପିଓ, କ୍ଲଷ୍ଟର ସିଆରସି ପ୍ରମୁଖ ଉପସ୍ଥିତ ଥିଲେ।



## ବିଜେଡିର ଜୋନସ୍ତରୀୟ ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ

# ସରପଞ୍ଚଙ୍କ ସହ ୨୦୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ସାମିଲ

ପାଲଲହଡ଼ା/ଖମାର, ୧୬।୪(ସମିସ)

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି, ବିଜୁ ଜନତା ଦଳ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ତା'ର ପ୍ରଚାର ସେତିକି ଜୋରଦାର କରିଛି। ବିଧାୟକ ମୁକେଶ ପାଲ କେତେବେଳେ ଘରକୁ ଘର ଯାଇ ପ୍ରଚାର କରୁଛନ୍ତି ତ କେତେବେଳେ ଜୋନସ୍ତରୀୟ ବା ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ କରି କର୍ମୀମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରୁଛନ୍ତି। ମଙ୍ଗଳବାର ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଖମାର ପଞ୍ଚାୟତ କୁଚିଆବେଡ଼ାଠାରେ ୨୪ ନମ୍ବର ଜୋନର ଜୋନସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଜେଡିର ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଅବିନାଶ ସାମଲଙ୍କ ପିତା ଗଙ୍ଗାଧର ସାମଲ ଏବଂ ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ ପାଲ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଅନୁଗୋଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ ତଥା ବରିଷ୍ଠ ବିଜେଡି ନେତା କୁନବିହାରୀ ଦାସ ଯୋଗ ଦେଇଥିଲେ। ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ପାଥେୟ କରି ଚଳିତ ସାଧାରଣ ନିର୍ବାଚନ ବିଜୁ ଜନତା ଦଳ ଲଢ଼ିବ ଏବଂ ଉଭୟ ସାଂସଦ ପ୍ରାର୍ଥୀ ଏବଂ ବିଧାୟକ ପ୍ରାର୍ଥୀ ବିପୁଳ ସଂଖ୍ୟକ ଭୋଟ ବ୍ୟବଧାନରେ ଜିତାଇବା ପାଇଁ ବୈଠକରେ କର୍ମୀମାନେ ସଂକଳ୍ପ ନେଇଥିଲେ। ଏହି ଅବସରରେ ନବୀନ ପଟ୍ଟନାୟକ ଏବଂ ପାଲଲହଡ଼ା ବିଧାୟକଙ୍କ କାର୍ଯ୍ୟଶୈଳୀ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିର ଶତାଧିକ କର୍ମୀ ବିଜେଡିରେ ଯୋଗଦେଇଥିଲେ। ବିଜେପି ସମର୍ଥିତ ରୋହିଲା ଗ୍ରାମପଞ୍ଚାୟତର ସରପଞ୍ଚ ଦିବ୍ୟଲୋଚନ ନାଏକ ନିଜ ସମର୍ଥକଙ୍କ ସହିତ ବିଜେପି ଛାଡ଼ି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ୨୪ ନମ୍ବର ଜୋନର ବିଭିନ୍ନ ପଞ୍ଚାୟତରୁ ବିଜେପି ଓ କଂଗ୍ରେସର ୨୦୦ ରୁ ଊର୍ଦ୍ଧ୍ୱ କର୍ମୀ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟ ଧାରାରେ ଏବଂ ବିଧାୟକ ମୁକେଶ ପାଲଙ୍କ କାର୍ଯ୍ୟ ଦକ୍ଷତାରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଥିଲେ। ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ ବିଧାୟକ ମୁକେଶ ପାଲ ପୁଷ୍ପଗୁଚ୍ଛ ଏବଂ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ବିଜେଡି କିଭଳି ଭାବେ ସଂଗଠିତ ହୋଇ ନିର୍ବାଚନ ଲଢ଼ି ଅଧିକରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବ, ତାହାକୁ ନେଇ ଉପସ୍ଥିତ ବରିଷ୍ଠ କାର୍ଯ୍ୟକର୍ତ୍ତା କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକଙ୍କ ସମେତ ଜିଲ୍ଲା ପରିଷଦ ସଦସ୍ୟା ଇନ୍ଦ୍ରାଣୀ ହେମ୍ବ୍ରମ, ପାଲଲହଡ଼ା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ, କଣିହାଁ ବ୍ଲକ ସଭାପତି କୈଳାସ ସାହୁ, ଯୁବକ ଓ ମହିଳା କର୍ମକର୍ତ୍ତା, ଜୋନ ପର୍ଯ୍ୟବେକ୍ଷକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନବକିଶୋର ନାଏକଙ୍କ ସମେତ ଅନେକ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ।




## ଜୀବନଜ୍ୟୋତି ଅନଗ୍ରସର ବିଦ୍ୟାଳୟରେ ସହାୟତା ପ୍ରଦାନ

**ଢେଙ୍କାନାଳ, ୧୬।୪(ସମିସ):** ଢେଙ୍କାନାଳ ଜିଲ୍ଲାର ଅହମଦିୟା ମୁସଲିମ ଯୁବ ସଂଗଠନ ତଥା ଅନ୍ତଃରାଷ୍ଟ୍ରୀୟ ରାହତ ସଂସ୍ଥା ହ୍ୟୁମାନିଟି ଫାଷ୍ଟ ପକ୍ଷରୁ ଗୋବିନ୍ଦପୁରସ୍ଥିତ ଜୀବନଜ୍ୟୋତି ମାନସିକ ଅନଗ୍ରସର ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନଭୋଜନ ତଥା ପୋଷାକ ବିତରଣ କରାଯାଇଛି। କାର୍ଯ୍ୟକ୍ରମରେ ଅହମଦିୟା ମୁସଲିମ ପୂର୍ବ ଭାରତର ଉପସଭାପତି ସଫାରତ ଖାଁ, ଅହମଦିୟା ଯୁବ ସଂଗଠନ ତାଳବରକୋଟର ଅଧ୍ୟକ୍ଷ ଫିରୋଜ ଖାଁ, କରଡ଼ାପଲି ତିଗିରିଆ ଅହମଦିୟା ଯୁବ ସଂଗଠନର ଅଧ୍ୟକ୍ଷ ସେରାଫତ ଅଲ୍ଲୀ ଖାଁ, ଅହମଦିୟା ଯୁବ ସଂଗଠନ ଗୁଣ୍ଡିଚାପଡ଼ାର ଅଧ୍ୟକ୍ଷ ଜହୀର ଖାଁ ତଥା ଅନ୍ୟ ସହଯୋଗୀମାନେ ଯୋଗ ଦେଇଥିଲେ।

## ସ୍ମୃତି ଅସ୍ମିତାକୁ ସାଇତି ରଖିଛନ୍ତି ଜେଜେ ଓ ନାତି




**ଢେଙ୍କାନାଳ, ୧୬।୪(ସମିସ) :** ଢେଙ୍କାନାଳ ଜିଲ୍ଲାର ଜିରିଡ଼ାମାଳି ଗ୍ରାମର ଜେଜେ ଓ ନାତି ଏକବିଂଶ ଶତାବ୍ଦୀର ପିତୃପୁରୁଷଙ୍କ ସ୍ମୃତି ଅସ୍ମିତାକୁ ଆଜି ବି ଉଜ୍ଜୀବିତ ରଖିଛନ୍ତି। ଜେଜେ ହେଉଛନ୍ତି ହରିହର ପାତ୍ର ଏବଂ ନାତି ବିନ୍ଦୁସାଗର ପାତ୍ର। ତାଙ୍କ ଘରେ ଆଜି ବି ଲାଗୁଛି ୧୯୬୨ ମସିହାର ସଟରଟଣା କଳା ଧଳା ଟିଭି, ଆଉ ସେହି ଟିଭିରେ ସପରିବାର ଦୂରଦର୍ଶନ ଚ୍ୟାନେଲ ଦେଖନ୍ତି। ଏହାସହିତ ସେମାନେ ୧୯୦୭ରୁ ୧୯୬୩ ପର୍ଯ୍ୟନ୍ତ ବହୁ ପୁରାତନ ପଇସାକୁ ତାଙ୍କର ପୁଟୁଳିରେ ସାଇତି ରଖିଛନ୍ତି। ନିଜର ପୁରୁଣା ବସ୍ତୁ ତଥା ସ୍ମୃତି ଅସ୍ମିତାକୁ ସାଇତି ରଖିଥିବା ଏଭଳି ପରିବାରକୁ ସ୍ମୃତି ଅସ୍ମିତା ପ୍ରଚାରକ ଇଂ. ହିମାଦ୍ରି ଦାସ ସାକ୍ଷାତ କରି ପୁରାତନ ସାମଗ୍ରୀଗୁଡ଼ିକୁ ଲୋକଲୋଚନକୁ ଆଣିବା ସହିତ ଭୁବନେଶ୍ୱର ମ୍ୟୁଜିୟମ୍ରେ ସଂଗୃହୀତ ରଖିବାକୁ ବ୍ୟବସ୍ଥା ମଧ୍ୟ କରିଛନ୍ତି।

## ବେଆଇନ ଗୋରୁଚାଲାଣ ଅଭିଯୋଗ

**ବଇଣ୍ଡା, ୧୬।୪(ସମିସ):** ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଅଞ୍ଚଳରୁ ବେଆଇନ ଭାବରେ କିଛିଦିନ ହେବ ଗୋରୁଚାଲାଣ କରାଯାଉଛି। ବାରମ୍ବାର ବେଆଇନ ଭାବରେ ଗୋରୁଚାଲାଣ କରାଯାଉଥିଲେ ମଧ୍ୟ ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଉ ନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଯାଇଛି। ଅବାଧ ଗୋରୁ ଚାଲାଣ ହେଉଥିବା ବେଳେ ଏହାକୁ ରୋକିବା ପାଇଁ ତିଳେଶ୍ୱର ଗ୍ରାମବାସୀ ସୋମବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଅଞ୍ଚଳବାସୀ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବିଶେଷ କରି କୃତ୍ତିବାସପୁର, କୁରୁମଟାପ, ଆମ୍ବସରମୁଣ୍ଡା, ପାଇକସାହି, କନ୍ତପଡ଼ା ପଞ୍ଚାୟତ ଅଞ୍ଚଳରୁ ପ୍ରତେକ ଦିନ ଗୋରୁ ବ୍ୟବସାୟୀମାନେ ଗୋରୁ ସଂଗ୍ରହ କରି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଶହ ଶହ ଗୋରୁ ନାକିଚି ଦେଇ ହଣ୍ଡପା, ହିଞ୍ଜିରିଡ଼ା ଦେଇ କଣ୍ଟେନର ସାହାଯ୍ୟରେ ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ପ୍ରତେକ ବୁଧବାର ଗୋରୁ ଏହି ଦୁଇ ଥାନା ଦେଇ ଯାଉଥିଲେ ମଧ୍ୟ ପୁଲିସ ଦୃଷ୍ଟି ଦେଉ ନଥିବା ଯୋଗୁଁ ଅସନ୍ତୋଷ ଦେଖାଯାଇଛି। ଗୋରୁ ବ୍ୟବସାୟୀମାନେ କିଛି ଅସାଧୁ ପୁଲିସଙ୍କୁ ମାସିକିଆ ହାତଗୁଞ୍ଜା ଦେଇ ଏହି କାରବାର କରୁଥିବା ନାକିଚି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଅନୁଗୋଳ ଏସପି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ଠାକୁରଗଡ଼ ଆଇଆଇସିଙ୍କୁ ପଚାରିବାରୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ୧୦ ବିଜେଡି ନେତାଙ୍କୁ ବ୍ଲକ ସଂଯୋଜକ ଦାୟିତ୍ୱ

**ଅନୁଗୋଳ; ୧୬।୪(ସମିସ):** ବିଜେଡି ସାଙ୍ଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ୧୦ ବିଜେଡି କର୍ମୀଙ୍କୁ ବ୍ଲକ ସଂଯୋଜକ ଦାୟିତ୍ୱରେ ନିୟୋଜିତ କରିଛନ୍ତି। କଣିହାଁ ବ୍ଲକ ଦଳକ ଗ୍ରାମର କୁନା ନାଏକଙ୍କୁ ଛେଣ୍ଡିପଦା ବ୍ଲକ, ହନୁମାନପୁର ଗ୍ରାମର ବୀରେନ୍ଦ୍ର କୁମାର ତ୍ରିପାଠୀଙ୍କୁ ଛେଣ୍ଡିପଦା ବ୍ଲକ, କଣିହାଁ ବ୍ଲକ ସମଲ ଗ୍ରାମର ବୁଦ୍ଧିମନ୍ତ ସାହୁଙ୍କୁ ଛେଣ୍ଡିପଦା ବ୍ଲକ, ପାଲଲହଡ଼ାର ସଂଜୀବ ବେହେରାଙ୍କୁ ତେଲକୋଇ ବ୍ଲକ, ନିମାପଶି ଗ୍ରାମର ନୀଳାମ୍ବର ପ୍ରଧାନଙ୍କୁ ତେଲକୋଇ ବ୍ଲକ, ତିଲେଇପଶି ଗ୍ରାମର ଅଗାଧୁ ପ୍ରଧାନଙ୍କୁ କଙ୍କଡ଼ାହାଡ, ଭୋଳେଶ୍ୱର ପ୍ରଧାନଙ୍କୁ କଙ୍କଡ଼ାହାଡ଼ ବ୍ଲକ ସଂଯୋଜକ ଭାବେ ନିୟୋଜିତ କରାଯାଇଛି।

## ଯୁବ ଲେଖକ ସମ୍ବର୍ଦ୍ଧିତ

**ଢେଙ୍କାନାଳ, ୧୬।୪(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳର ଯୁବ ଲେଖକ ପ୍ରେମାନନ୍ଦ ପାଣିଗ୍ରାହୀଙ୍କୁ ସମର କବି ବ୍ରଜନାଥ ବଡ଼ଜେନାଙ୍କ ଜୟନ୍ତୀ ପାଳନ ତଥା ବାର୍ଷିକ ଉତ୍ସବ ପାଳନ ଅବସରରେ ବଡ଼ଜେନା ସାହିତ୍ୟ ସଂସଦ ରାଧାଦେଇପୁର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଚକ୍ଷୁ ବିଶେଷଜ୍ଞ ତଥା କବି ଶ୍ରୀନିବାସ ହୋତା, ମୁଖ୍ୟବକ୍ତା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ କବି ନିର୍ମଳା ମହାପାତ୍ର, ସାହିତ୍ୟ ସଂସଦର ସଭାପତି ଶଙ୍କର୍ଷଣ ଶତପଥୀ, ସମ୍ପାଦକ ପ୍ରେମାନନ୍ଦ ରାଉତ, ସହ ସମ୍ପାଦକ ଦେବୀ ପ୍ରସାଦ ନାୟକ, ସାମ୍ବାଦିକ ବିନୋଦିନୀ ରାଉଳ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ହାତୀପଲ ଲାଗି ଅଞ୍ଚଳବାସୀ ହନ୍ତସନ୍ତ

**ଅନୁଗୋଳ, ୧୬।୪(ସମିସ):** ବଅଁରପାଳ ବ୍ଲକ ଅନ୍ତର୍ଗତ ଆଲୁମିନିୟମ ପାର୍କ ନିକଟରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଆତଙ୍କ ସୃଷ୍ଟି କରୁଛନ୍ତି। ଏହି ହାତୀପଲ କିଛି ଦିନହେଲା ଆଲୁମିନିୟମ ପାର୍କ

**● ବନବିଭାଗ ଘଉଡ଼ାଇବାରେ ବିଫଳ**

ନିକଟରେ ଥିବା ଆମ୍ବ ବଗିଚାରେ ରହୁଛନ୍ତି। ସଂଧ୍ୟା ହେଲେ ଖାଦ୍ୟ ଅନୁସରଣରେ ବିଭିନ୍ନ ଗ୍ରାମକୁ ପ୍ରବେଶ କରୁଛନ୍ତି। ଫଳରେ କୁଲାଡ଼, ତୁଳସୀ ପାଳ, ବନ୍ଧା, ଝଜିରୀ ଓ ଗଡ଼ସନ୍ତୀ



ଅଞ୍ଚଳର ଲୋକମାନେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ସଂଧ୍ୟା ପରେ ଲୋକମାନେ ବାହାରକୁ ଆସୁନାହାନ୍ତି କିମ୍ବା ସହର ଲୋକ ଏହି ସବୁ ଗ୍ରାମକୁ ଆସିବା ପାଇଁ ଭୟ କରୁଛନ୍ତି। ହାତୀପଲ ଏହି ଅଞ୍ଚଳରେ ଦୀର୍ଘ ଦିନଧରି ରହୁଥିବାରୁ ଚାଷକାର୍ଯ୍ୟ ହୋଇପାରୁନାହିଁ। ଜଙ୍ଗଲରେ ଖାଦ୍ୟ ଅଭାବ ସହିତ କିଛି ଅସାମାଜିକ ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇ ଦେଉଥିବାରୁ ହାତୀମାନେ ସହର ମୁହାଁ ହେଉଛନ୍ତି। ହାତୀପଲ ରାତିରେ ଗାଁକୁ ପ୍ରବେଶ କଲା ମାତ୍ରେ ବିଦ୍ୟୁତ୍ କାଟି ଦିଆଯାଇଛି। ଏବେ ଗରମ ସହ ପ୍ରବଳ ଗୁଳୁଗୁଳି ହେଉଥିବାରୁ ରାତି ସାରା ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ବନବିଭାଗ ଏହି ଅଞ୍ଚଳରୁ ହାତୀପଲ ଘଉଡାଇବାରେ ବିଫଳ ହେଉଛି। ଏଥିପାଇଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ଟ୍ରକ୍‌କୁ ପିଟିଲା ନାଇଟ୍ କୋଚ୍ ବସ୍; ଜଣେ ମୃତ, ୮ ଗୁରୁତର

**ଅନୁଗୋଳ, ୧୬।୪(ସମିସ):** ଅନୁଗୋଳ ଜିଲ୍ଲା ଜରପଡ଼ାଠାରେ ଆଜି ବଡ଼ିଭୋରରେ ଏକ ଟ୍ରକ ପଛରେ ଏକ ଘରୋଇ ନାଇଟ୍ କୋଚ ବସ ଧକ୍କାଦେବା ଫଳରେ ବସ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ 'ଡଲଫିନ' ନାମକ ଏକ ଘରୋଇ ବସ ରାଇପୁର କୋରବାରୁ ପୁରୀ ଅଭିମୁଖେ ଯାଉଥିବା ବେଳେ ଅନୁଗୋଳ ଜରପଡ଼ାଠାରେ ଏକ ବାଲି ବୋଝେଇ ଟ୍ରକ୍ ପଛରେ ଧକ୍କା ଦେଇଥିଲା। ଫଳରେ ଟ୍ରକଟି ରାସ୍ତାରେ ଓଲଟି ପଡ଼ିଥିବା ବେଳେ ଘଟଣାସ୍ଥଳରେ ବସ୍ ଡ୍ରାଇଭ୍ ତାରାପ୍ରସାଦ ଦାସଙ୍କ ମୃତ୍ୟୁ ଘଟିଥିଲା। ବସ୍ କଣ୍ଡକ୍ଟର ସୌମ୍ୟ ସ୍ୱରୂପ ନାଥ, ବସରେ ବସିଥିବା ଯାତ୍ରୀ ଯାଜପୁରର ରଞ୍ଜନ ନାୟକ, ଦିଲ୍ଲୀର ବରୁଣ ସିଂ, ଯାଜପୁର କଲଣ ଗ୍ରାମର ପ୍ରକାଶ ଚନ୍ଦ୍ର ଖୁଣ୍ଟିଆ, କଟକରୁ ରୁଦ୍ର ନାରାୟଣ ଆଚାର୍ଯ୍ୟ, ତାଙ୍କ ଝିଅ ସ୍ଥିତିପ୍ରଜ୍ଞା ଆଚାର୍ଯ୍ୟ, ଢେଙ୍କାନାଳ ଜିଲ୍ଲା ମହାଦିଆ ଗ୍ରାମର ଅବନୀ ରାଉତ, କଟକରୁ ଧରିତ୍ରୀ ସ୍ୱାଇଁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।




## ସିଆର୍‌ସିସିଙ୍କ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମ

**ଢେଙ୍କାନାଳ, ୧୬।୪(ସମିସ):** ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକମାନଙ୍କର ତିନି ସପ୍ତାହ ବିଶିଷ୍ଟ ଏଫଏଲଏନ ଉପରେ ସାମର୍ଥ୍ୟ ବିକାଶ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଉଦ୍ଘାଟନୀ ଉତ୍ସବରେ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରିଣୀ ସୁସ୍ମିତା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସଦର ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସିଆରସିସିଙ୍କ ଶୈକ୍ଷିକ ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଶିକ୍ଷା ଶାସ୍ତ୍ର ସଂଯୋଜିକା ଶୁଭଲକ୍ଷ୍ମୀ ସାହୁ ଯୋଗଦେଇଥିଲେ। ସଭା ଆରମ୍ଭରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା କଲ୍ୟାଣୀ ସାହୁ ଅତିଥି ପରିଚୟ କରିଥିବା ବେଳେ ଅଧ୍ୟକ୍ଷ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରଶିକ୍ଷଣ ପ୍ରତିଷ୍ଠାନ ତରଫରୁ ପ୍ରସ୍ତୁତ ଏଫ୍ଏଲ୍ଏନ୍ ସଚେତନତା ପତ୍ରିକା ଓ ଏଫ୍ଏଲଏନ୍ର କ, କା, କି'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ୮ଟି ବ୍ଲକର ୧୨୫ ଜଣ ସିଆର୍ସିସି, ତିନିଜଣ ଅତିରିକ୍ତ ବ୍ଲକ ଶିକ୍ଷଣ ଅଧିକାରୀ ଯୋଗଦେଇଥିବା ବେଳେ ଶିକ୍ଷକ ପ୍ରଶିକ୍ଷିକ ହରପ୍ରିୟା ପୃଷ୍ଟି, ସ୍ୱାଗତିକା ସ୍ୱାଇଁ, ସୌମ୍ୟା ପଟ୍ଟନାୟକ, ସ୍ୱାଗତିକା ସରଣ, ପ୍ରଭାତୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିନ୍ଧୁ ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।




## ୨୩ରୁ ଜିଲ୍ଲାସ୍ତରୀୟ ପାଲା ସମ୍ମିଳନୀ

**ଢେଙ୍କାନାଳ, ୧୬।୪(ସମିସ):** ଜିଲ୍ଲା ପାଲା ଗାୟକ ସଂଘର ୪୨ତମ ବାର୍ଷିକ ସମ୍ମିଳନୀ ସଦର ବ୍ଲକ ତରଭା ପାଟଣାସାହିସ୍ଥିତ ସତ୍ୟ ନାରାୟଣ ପାଲା ମଣ୍ଡପଠାରେ ଏପ୍ରିଲ୍ ୨୩ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବରିଷ୍ଠ ଓ ବିଶିଷ୍ଟ ଗାୟକ, ଗାୟିକାମାନଙ୍କ ଦ୍ୱାରା ସମ୍ମିଳନୀ ଓ ପାଲା ପରିବେଷଣ ହେବ। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀ ପ୍ରତ୍ୟହ ଦିନ ୧୧ ଘଟିକାଠାରୁ ଦିନ ୨ଟା ପର୍ଯ୍ୟନ୍ତ ପାଠଶାଳା ଓ ଆଲୋଚନାଚକ୍ର ଏବଂ ଦିନ ୩.୩୦ରୁ ୫ଟା ଯାଏ ସମୀକ୍ଷା ଓ ବିଶ୍ଳେଷଣ କାର୍ଯ୍ୟକ୍ରମ ରହିଛି। ପ୍ରତିଦିନ ସନ୍ଧ୍ୟା ୮ଟାରୁ ଜିଲ୍ଲାର ବହୁ ନାମୀଦାମୀ ଗାୟକ ଗାୟିକା ମଞ୍ଚରେ ପାଲା ପରିବେଷଣ କରିବେ। ଏହି ସାଂସ୍କୃତିକ ସମ୍ମିଳନୀରେ ପାଲା ସଂସ୍କୃତି ପ୍ରେମୀମାନେ ଯୋଗଦେବାକୁ ସଭାପତି ସୁରେନ୍ଦ୍ର ମିଶ୍ର, ସମ୍ପାଦକ ଦୁର୍ଗାଚରଣ ମହାପାତ୍ର ଓ ଆବାହକ ବିରଞ୍ଚି ନାରାୟଣ ବେହେରା ଅନୁରୋଧ କରିଛନ୍ତି।

## କନକ ଦୁର୍ଗାଙ୍କ ପୀଠରେ ବାସନ୍ତୀ ଦୁର୍ଗାପୂଜା

**ଢେଙ୍କାନାଳ, ୧୬।୪(ସମିସ):** ସ୍ଥାନୀୟ ଜୁବୁଲି ଟାଉନ୍ ସ୍ଥିତ ମା' କନକ ଦୁର୍ଗାଙ୍କ ପୀଠରେ ବାସନ୍ତୀ ଦୁର୍ଗାପୂଜା ଓ ନବରାତ୍ରି ପୂଜା ପାଳନ କରାଯାଉଛି। ଗତ ୯ ତାରିଖରୁ ଆରମ୍ଭ ହୋଇ ୧୮ ତାରିଖରେ ବାସନ୍ତୀ ଦଶହରା ଓ ଅପରାଜିତା ପୂଜା ପାଳନ କରାଯିବ ବୋଲି ଜଣାପଡ଼ିଛି। ପ୍ରତ୍ୟେକ ଦିନ ପ୍ରାତଃରୁ ମା'ଙ୍କ ମଙ୍ଗଳ ଆଳତି, ମହାସ୍ନାନ, ବସ୍ତ୍ର, ବିଭିନ୍ନ ଫୁଲ, ଭୋଗ ଓ ପଣା ଲାଗି କରାଯାଇଥାଏ। ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜା, ଶାଳାଆବାହିତ ଦେବତା ପୂଜନ, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ, ଅଭିଷେକ, ଭୂତଯଜ୍ଞ ଆଦି କରାଯାଉଛି। ମଧ୍ୟାହ୍ନରେ ଅନ୍ନଧୂପ ସନ୍ଧ୍ୟାରେ ଆଳତି ଓ ପଣା ରାତ୍ରିରେ ବଡ଼ସିଂହାର ଭୋଗ ଲାଗି କରାଯାଉଛି। ପଣ୍ଡିତମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଛି।



## ସୂରଜ ବେହେରା ଓ ସୃଷ୍ଟି ଭୌମିକଙ୍କୁ ଫେଲୋସିପ୍ ପ୍ରଦାନ

**ଢେଙ୍କାନାଳ, ୧୬।୪(ସମିସ):** ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍ସି) ଚଳିତ ଶିକ୍ଷାବର୍ଷର ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମ ଛାତ୍ର ସୂରଜ କୁମାର ବେହେରାଙ୍କୁ ରାଧାନାଥ ରଥ ସ୍ମାରକୀ ଫେଲୋସିପ୍ ଓ ଇଂରାଜୀ ସାମ୍ବାଦିକତା ପାଠ୍ୟକ୍ରମ ଛାତ୍ରୀ ସୃଷ୍ଟି ଭୌମିକଙ୍କୁ ସତ୍ୟ ମହାପାତ୍ର ସ୍ମାରକୀ ଫେଲୋସିପ୍ ପ୍ରଦାନ କରାଯାଇଛି। ଫେଲୋସିପ୍ ବାବଦକୁ ଉଭୟଙ୍କୁ ମାନପତ୍ର ଦିଆଯାଇଛି। ଆଇଆଇଏମ୍ସିର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଫେଲୋସିପ୍ ପ୍ରଦାନ କରାଯାଇଛି। ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ସାମ୍ବାଦିକତା କ୍ଷେତ୍ରରେ ରାଧାନାଥ ରଥ ଓ ସତ୍ୟ ମହାପାତ୍ରଙ୍କ ଅବଦାନ କଥା ଉଲ୍ଲେଖ କରିବା ସହ ଫେଲୋସିପ୍ ଦେଇଛନ୍ତି। କାର୍ଯ୍ୟକ୍ରମରେ ସଂସ୍ଥାନର ଆସୋସିଏଟ୍ ଆଡ୍ମିନ୍ ଆଣ୍ଡ ଆକାଉଣ୍ଟସ୍ କେଦାରନାଥ ଜେନା, ସହକାରୀ ପ୍ରଫେସର ଡ. ହରିକୃଷ୍ଣ ବେହେରା, ଶିକ୍ଷା ସଂଯୋଜକ ଜିତେନ୍ଦ୍ର ପତି, ଗ୍ରନ୍ଥାଗାର ସଂଯୋଜକ ଶୁଭଙ୍କରୀ ଦାସ ଉପସ୍ଥିତ ରହିଥିଲେ। ଏହି ଅବସରରେ ଡ. ହରିକୃଷ୍ଣ ବେହେରାଙ୍କ କବିତା ସଙ୍କଳନ 'ନେହା ପାଇଁ ପ୍ରେମ କବିତା' ଉନ୍ମୋଚିତ ହୋଇଛି।

## ଶ୍ରୀ ଅରବିନ୍ଦ ଜୀବନ ବିଦ୍ୟାଳୟର ବାର୍ଷିକୋତ୍ସବ



**ହିନ୍ଦୋଳ, ୧୬।୪(ସମିସ):** ହିନ୍ଦୋଳ ଉପଖଣ୍ଡ ଚିଉଳପୁର ପଞ୍ଚାୟତ ଅନ୍ତର୍ଗତ ପଞ୍ଚପଡ଼ାସ୍ଥିତ ଶ୍ରୀ ଅରବିନ୍ଦ ଜୀବନ ବିଦ୍ୟାଳୟ ପରିସରରେ ସୋମବାର ୨୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ପତିଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ଡାକ୍ତର ଚୈତନ୍ୟ ସାହୁ, ସମ୍ମାନିତ ଅତିଥିଭାବେ ପଞ୍ଚପଡ଼ା ଗ୍ରାମ ପରିଚାଳନା କମିଟି ସଭାପତି ବିମ୍ବାଧର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା ସହ ଅତିଥି ପରିଚୟ କରିଥିଲେ ମନୋରଞ୍ଜନ ପାଳ। ବାର୍ଷିକ ବିବରଣୀ ପାଠ କରିଥିଲେ ଶିକ୍ଷକ ପ୍ରିୟବ୍ରତ ଆଚାର୍ଯ୍ୟ। କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ଜ୍ଞାନରଞ୍ଜନ ପତି, ସମ୍ପାଦକ ପବିତ୍ରମୋହନ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ପୁଷ୍ପଲତା ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଢେଙ୍କାନାଳ ବନାଞ୍ଚଳରେ ପାଣି ଚିନ୍ତା

# ଶତାଧିକ ପୋଖରୀ ଶୁଖିଲା; ବନ୍ୟଜନ୍ତୁ ଉହକବିକଳ

ଢେଙ୍କାନାଳ, ୧୬।୪(ସମିସ)

ଢେଙ୍କାନାଳ ବନାଞ୍ଚଳରେ ୨୪୦ରୁ ଊର୍ଦ୍ଧ୍ୱ ହାତୀପଲ ଚଳପ୍ରଚଳ କରୁଥିବା ବେଳେ ଚଳିତ ଗ୍ରୀଷ୍ମଋତୁରେ ଶତାଧିକ ଗାଡ଼ିଆ ଓ ପୋଖରୀ ଶୁଖିଲା ପଡ଼ିଥିବା ଯୋଗୁଁ ବନ୍ୟଜନ୍ତୁ ପାନୀୟ ଜଳ ପାଇଁ ଉହକବିକଳ ହେଉଥିବା ଜଣାପଡ଼ିଛି। ଢେଙ୍କାନାଳ ବନଖଣ୍ଡରେ ମୋଟ ୧ ହଜାର ୭୩୭ ବର୍ଗ କିଲୋମିଟର ଜଙ୍ଗଲ ସହିତ ୧ ହଜାର ୧୪୧ ବର୍ଗ କିଲୋମିଟର ସଂରକ୍ଷିତ ଜଙ୍ଗଲ, ୫୯୬ ବର୍ଗ କିଲୋମିଟର କେଏଫ୍ ଜଙ୍ଗଲ ରହିଛି। ଢେଙ୍କାନାଳ, ହିନ୍ଦୋଳ, ମହାବିରୋଡ଼, କାମାକ୍ଷାନଗର ପୂର୍ବ, ପଶ୍ଚିମ ସହିତ ଭୁବନ, ଷଡ଼ଙ୍ଗୀ, କପିଳାସ ଭଳି ୮ଟି ରେଞ୍ଜ ସହିତ ୩୭ଟି ସେକ୍ସନ ଏବଂ ୧୦୪ଟି ବିଟ୍ ରହିଛି। କପିଳାସ ଜଙ୍ଗଲକୁ ଗତ ୨୦୧୧ ମସିହା ଏପ୍ରିଲ ୨ ତାରିଖରେ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲା। ପ୍ରାୟ ୧୨୫.୫ ବର୍ଗ କିଲୋମିଟରରେ ପରିବ୍ୟାପ୍ତ ଅଞ୍ଚଳକୁ ନେଇ ଗଠିତ ହୋଇଛି କପିଳାସ ଅଭୟାରଣ୍ୟ। ଏହି ଅରଣ୍ୟରେ ବହୁ ଜୀବଜନ୍ତୁଙ୍କ ସହିତ ହାତୀ, ହରିଣ, ବାଘ, ଝିଙ୍କ, କୁଟୁରା, ସମ୍ବର, ଭାଲୁ, ବଜ୍ରକାପ୍ତା, ଅହିରାଜ, ଅଜଗର ସାପ ବି ରହୁଛନ୍ତି। ଜୀବଜନ୍ତୁରେ ପୂର୍ଣ୍ଣ କପିଳାସକୁ ଇକୋ ସେନସିଟିଭ୍ ଜୋନ ଭାବରେ ଘୋଷଣା କରାଯାଇଛି। ଓଡ଼ିଶା ସରକାରଙ୍କ ତରଫରୁ ୨୦୧୬ ମସିହାରେ ଏହାକୁ ଟୁରିଷ୍ଟ ହବ୍ ଭାବରେ ଘୋଷଣା କରାଯାଇଛି। ହାତୀଙ୍କ ସୁରକ୍ଷା ପାଇଁ ବନବିଭାଗ ବହୁ ପଦକ୍ଷେପ ଗ୍ରହଣ କରିଛି। ହାତୀମାନଙ୍କ ପାଇଁ ମୁଖ୍ୟ ସମସ୍ୟା ବର୍ତ୍ତମାନ ପାଣି ହୋଇଛି। ଜଙ୍ଗଲ ମଧ୍ୟରେ ହାତୀ ମାନଙ୍କ ପାଣି ସମସ୍ୟାକୁ ଦୂରକରିବା ପାଇଁ ବନ ବିଭାଗ ତରଫରୁ ୨୦୦୮ ମସିହାରୁ ୨୦୨୩ ପର୍ଯ୍ୟନ୍ତ ୧୨୦ଟି ପୋଖରୀ ଖୋଳାଯାଇଛି। ଏହି ପୋଖରୀଗୁଡ଼ିକ ଏମିତି ସ୍ଥାନରେ ଖୋଳାଯାଇଛି, ଯେଉଁଠାରେ ଖରା ଦିନ ପାଣି ଆଦୌ ରହୁନାହିଁ। ଚଳିତ ବର୍ଷ ତିନୋଟି ପୋଖରୀ ଖୋଳାଯାଇଛି। କିନ୍ତୁ ଜଙ୍ଗଲ ମଧ୍ୟରେ ଅଧିକ ସଂଖ୍ୟକ ହାତୀ ରହୁଥିବାରୁ ସେମାନଙ୍କ ପାଇଁ ପାଣି ସମସ୍ୟା ରହିଛି। ଫଳରେ ହାତୀଗୁଡ଼ିକ ଗ୍ରାମ ନିକଟସ୍ଥ ପୋଖରୀକୁ ଚାଲିଆସୁଛନ୍ତି। ହାତୀମାନେ ମୁଖ୍ୟତଃ ବ୍ରାହ୍ମଣୀ ନଦୀ, ଦଣ୍ଡାଧର ଡ୍ୟାମ, ଦଦରାଘାଟି ପ୍ରୋଜେକ୍ଟ, ସାପୁଆ ପ୍ରୋଜେକ୍ଟ, ବେଡ଼ାପଡ଼ା ଡ୍ୟାମ ଉପରେ ନିର୍ଭର କରୁଛନ୍ତି। ପ୍ରତିଦିନ ବ୍ରାହ୍ମଣୀ ନଦୀର ଦୁଇ ପାର୍ଶ୍ୱରୁ ହାତୀମାନେ ନଦୀକୁ ଆସି ଜଳକ୍ରୀଡ଼ା କରିବା ସହିତ ବିଭିନ୍ନ ସ୍ଥାନରେ ଥିବା କାଦୁଅ ଏବଂ ମାଟିରେ କ୍ରୀଡ଼ା କରୁଥିବାର ଦେଖିବାକୁ ମିଳିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ହାତୀ ସହିତ ଅନ୍ୟ ଜୀବଜନ୍ତୁ ପାଣି ପାଇଁ ଗ୍ରାମ ନିକଟରେ ଥିବା ଜଳାଶୟକୁ ଚାଲିଆସୁଛନ୍ତି। ଏହାର ସୁଯୋଗ ନେଇ ଶିକାରୀମାନେ ଶିକାର କରୁଥିବାର ଜଣାପଡ଼ିଛି। ଢେଙ୍କାନାଳ ବନାଞ୍ଚଳରେ ବନ ବିଭାଗ ପକ୍ଷରୁ ଯଥାଶୀଘ୍ର ପାନୀୟ ଜଳର ସୁବିଧା କରାଯିବା ନିମନ୍ତେ ପରିବେଶବିତ୍ ପ୍ରଦ୍ୟୁମ୍ନ କୁମାର ରଥ ଦାବି କରିଛନ୍ତି।



